ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.24 . No.263 Bhubaneswar Thursday, December 09, 2021 | ୨୪ତମ ବର୍ଷ ସଂଖ୍ୟା-୨୬୩ ଭୁବନେଶ୍ୱର, ଗୁରୁବାର, ଡିସେମ୍ବର ୦୯, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


## ସ୍ପଷ୍ଟ କଲା ବାୟୁସେନା: ହେଲିକପ୍ଟର କ୍ରାଶରେ ସିଡିଏସ୍ ବିପିନ ରାୱତ ମୃତ

ନୂଆଦିଲ୍ଲୀ: ତାମିଲନାଡୁରେ ଘଟିଥିବା ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ୍ ? ଜେନେରାଲ ରାୱତଙ୍କ ସମେତ ମୋଟ ୧୩ ଜଣଙ୍କ ମୃତ୍ୟୁ ଘଟିଛି। ଭାରତୀୟ ବାୟୁସେନା ପକ୍ଷରୁ ଟ୍ୱିଟ କରି ଏହି ସୂଚନା ଦିଆଯାଇଛି। ଜେନେରାଲ ରାୱତଙ୍କ ସମେତ ତାଙ୍କ ପତ୍ନୀ ମଧୁଲିକା ମଧ ପ୍ରାଣ ହରାଇଛନ୍ତି। ଏବେ କେବଳ ଗ୍ରୁପ କ୍ୟାପ୍‌ଟେନ ବରୁଣ ସିଂହ ୱେଲିଂଟନରେ ଥିବା ମିଲିଟାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବାୟୁସେନା ଟ୍ୱିଟ କରି କହିଛି ଯେ ସିଡିଏସ ଜେନେରାଲ ବିପିନ ରାୱତ ଆଜି ତାମିଲନାଡୁର ନୀଲଗିରି ହିଲ୍ସର ୱେଲିଂଟନଠାରେ ଥିବା ଡିଫେନ୍ସ ସର୍ଭିସ ଷ୍ଟାଫ କଲେଜରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେବାକୁ ଯାଉଥିଲେ। ସେଠାରେ ସେ ଷ୍ଟାଫ କୋର୍ସର ଅଫିସର ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରିଥାଆନ୍ତେ।କିନ୍ତୁ ଆମେ ଦୁଃଖ ଓ ପରିତାପର ସହ କହିବାକୁ ଚାହୁଁଛୁ ଯେ ହେଲିକପ୍ଟର କ୍ରାଶରେ




ଜେନେରାଲ ବିପିନ ରାୱତ, ତାଙ୍କ ପତ୍ନୀ ମଧୁଲିକା ରାୱତ ଓ ଅନ୍ୟ ୧୧ ଜଣ ପ୍ରାଣ ହରାଇଛନ୍ତି। ଗ୍ରୁପ କ୍ୟାପ୍‌ଟେନ ବରୁଣ ସିଂହ ଏବେ ୱେଲିଂଟନ ଠାରେ ଥିବା ମିଲିଟାରୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।ଜେନେରାଲ ରାୱତ ଓ ଅନ୍ୟ ୧୨ ଜଣଙ୍କ ମୃତ୍ୟୁରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଛନ୍ତି।

### ସିଡିଏସ୍ ବିପିନ୍ ରାୱତଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୮।୧୨(ପି.ଏନ): ଦୁର୍ଘଟଣାରେ ଦେଶର ପ୍ରଥମ ସିଡିଏସ୍ ବିପିନ୍ ରାୱତଙ୍କ ଦୁଃଖଦ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଟୁଇଟ୍ କରିଛନ୍ତି ଯେ ତାମିଲନାଡୁରେ ଏକ ଦୁର୍ଘଟଣାରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ୍ ବିପିନ୍ ରାୱତ, ତାଙ୍କ ପତ୍ନୀ ଓ ୧୧ ଜଣ ସେନା ଅଧିକାରୀ ଙ୍କ ମୃତ୍ୟୁରେ ଦୁଃଖିତ। ଏହା ଦେଶ ପାଇଁ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରକୁ ସମବେଦନା ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରୁଛି।

### ପୂର୍ବ ଭଳି ଓମିକ୍ରନ ଭାରିଆଂଟ ପାଇଁ ମଧ ସତର୍କ ରହିବାକୁ ହେବ: ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୮।୧୨(ପି.ଏନ): ପୂର୍ବ ଭାରିଆଂଟ ଭଳି ଓମିକ୍ରନ ଭାରିଆଂଟ ପାଇଁ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ବିଜୟ ମହାପାତ୍ର। ସେ କହିଛନ୍ତି ଯେ ଟେକନିକାଲ ଏବଂ କମ୍ୟୁନିଟି କ୍ଷେତ୍ରରେ ସତର୍କ ରହିବାକୁ ପଡ଼ିବ । ସେ କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହା ଯାଇଛି ଯେ , ଯେଉଁମାନେ କରୋନା ଟିକା ନେଇ ନାହାନ୍ତି କିମ୍ବା ଗମ୍ଭୀର ଶାରୀରିକ ସମସ୍ୟା ଥିବା ଲୋକେ ଅଧିକ ସତର୍କ ରହିବା ଜରୁରୀ। ଏହାସହ ଶିଶୁମାନେ ମଧ ଓମିକ୍ରନ ଦ୍ୱାରା ଅଧିକ ଆକ୍ରାନ୍ତ ହେଉଥିବା ଦେଖାଯାଉଛି। ସେଥିପାଇଁ ସିଏଚସି ଏବଂ ପିଏଚସିରେ ପେଡିଆଟ୍ରିକ ମ୍ୟାନେଜମେଂଟ କରିବାକୁ ବ୍ୟବସ୍ଥା କରାଯାଇଥିବା ସେ ପ୍ରକାଶ କରିଛନ୍ତି ।

## ଗୋଟିଏ ଦିନରେ ୨୫୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୮।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୨୫୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୦୭୬୦ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୫୪ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୦ ହଜାର ୧୩୯ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୧୪୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୨୫୫ ଜଣଙ୍କ ମଧ୍ୟରୁ ୧୫୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୦୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୧୦୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧରେ ଅନୁଗୁଳରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱର ଓ ବରଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଭଦ୍ରକ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଢେଙ୍କାନାଳ ଜିଲ୍ଲାରୁ ୨ ଜଣ ଗଜପତିରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଂଜାମ ଜିଲ୍ଲାରେ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଜଗତସିଂହପୁର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୧୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କେନ୍ଦ୍ରାପଡ଼ାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୧୦୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସ ଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୪୦ ଜଣ ଓ ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । । ସମ୍ବଲପୁରରୁ ୧୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ସୁନ୍ଦରଗଡ଼ରୁ ୧୮ ଜଣ ଓ ଷ୍ଟେଟ୍ ପୁଲରୁ ୨୫ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାର ସମ୍ପ୍ରସାରଣକୁ କେନ୍ଦ୍ର କ୍ୟାବିନେଟର ମଞ୍ଜୁରୀ

ନୂଆଦିଲ୍ଲୀ/ଭୁବନେଶ୍ୱର , ୮।୧୨(ପି.ଏନ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍‌ର ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ(ପିଏମଏୱାଇ-ଜି)କୁ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ସମ୍ପ୍ରସାରଣ ପ୍ରସ୍ତାବକୁ ଅନୁମୋଦନ ଓଡିଶା ସମେତ ଦେଶର ସବୁ ଗ୍ରାମାଂଚଳରେ ସମସ୍ତଙ୍କ ପାଇଁ ପକ୍କା ଘର ଲକ୍ଷ୍ୟକୁ ପୂରଣ କରିବ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣକୁ ସମ୍ପ୍ରସାରଣ କରିବା ପାଇଁ ମଞ୍ଜୁରୀ ଦେଇଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ । ପିଏମ ଗ୍ରାମୀଣ ଆବାସ ଯୋଜନାର ସମ୍ପ୍ରସାରଣ ଦ୍ୱାରା ମୋଦି ସରକାରଙ୍କର ମୌଳିକ ସୁବିଧା ସହ ୨.୯୫ କୋଟି ପକ୍କା ଘର ନିର୍ମାଣର ଲକ୍ଷ୍ୟକୁ ହାସଲ କରିବ । ବଳକା ୧୫୫.୭୫ ଲକ୍ଷ ଘରର ନିର୍ମାଣ ପାଇଁ ମଧ୍ୟ ସହାୟତା ଦିଆଯିବା ନିଷ୍ପତି ସ୍ୱାଗତଯୋଗ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହାବ୍ୟତିତ କେନ୍-ବେତ୍ୱା ନଦୀକୁ ସଂଯୋଗ କରିବାର ଯୋଜନାକୁ ମଧ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଛି। ଏହି ନିଷ୍ପତି ଦ୍ୱାରା ବୁନ୍ଦେଲଖଣ୍ଡ ଅଂଚଳର ସାମାଜିକ ଓ ଆର୍ଥିକ ବିକାଶରେ ଏକ ବଡ ପରିବର୍ତନ ହେବ ।

### ଗତବର୍ଷ ଅଧାରୁ ପାଠ ଛାଡିଛନ୍ତି ୮୧୬୮ ପିଲା

ଭୁବନେଶ୍ୱର,୮।୧୨(ପି.ଏନ): ୨୦୧୯-୨୦ରେ ୮୧୬୮ ପିଲା ଅଧାରୁ ପାଠ ଛାଡିଛନ୍ତି। ଏହି ସୂଚନା ଦେଇଛନ୍ତି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ। ବିଧାୟକ ତାରା ବାହିନୀପତିଙ୍କ ପ୍ରଶ୍ନରେ ଏଭଳି ଉତର ରଖିଛନ୍ତି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ। ଉତରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ, ୨୦୧୯-୨୦ରେ ୮୧୬୮ ପିଲା ଅଧାରୁ ପାଠ ଛାଡିଛନ୍ତି। ନୂଆପଡାରୁ ସର୍ବାଧିକ ୮୯୬,ଗଞ୍ଜାମ ୫୮୩, ସୁନ୍ଦରଗଡ ୫୨୬, ଖୋର୍ଦ୍ଧାରୁ ୬୦୩, କେନ୍ଦୁଝର ୬୮୧, କଳାହାଣ୍ଡି ୫୨୮ ପିଲା ଅଧାରୁ ପାଠ ଛାଡିଛନ୍ତି । ଏମାନଙ୍କୁ ସ୍କୁଲକୁ ଫେରାଇ ଆଣିବା ପାଇଁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। କରୋନା ପରବର୍ତି ସମୟରେ ଷଷ୍ଠ-ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବା ପାଇଁ ସରକାର ଅନୁମତି ପ୍ରଦାନ କରିଛନ୍ତି। ପୂର୍ବପରି ପିଲାମାନେ ସ୍କୁଲକୁ ଆସିବାକୁ ଆଗ୍ରହ ପ୍ରକାଶ କରୁନଥିବା ନେଇ କୌଣସି ତଥ୍ୟ ହସ୍ତଗତ ହୋଇନାହିଁ ।ଅନ୍ୟପକ୍ଷରେ ସ୍ମାର୍ଟଫୋନ ଉପଲବ୍ଧତା ନେଇ ବିଧାୟିକା କୁସୁମ ଟେଟେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପ୍ରଶ୍ନ କରିଥିବା ବେଳେ ଏହାର ଉତରରେ ସେ କହିଛନ୍ତି ଯେ, ୨୦୨୦ମସିହା ସେପ୍ଟେମ୍ବର ମାସରେ ଏନେଇ ସର୍ଭେ ହୋଇଥିଲା। ପ୍ରଥମରୁ ଦଶମ ଶ୍ରେଣୀ ପିଲାଙ୍କୁ ନେଇ ସର୍ଭେ କରାଯାଇଥିବା ବେଳେ ରାଜ୍ୟରେ ୨୮.୮୭% ପିଲାଙ୍କ ପାଖରେ ସ୍ମାର୍ଟଫୋନ ଥିବା ଜଣାପଡ଼ିଥିଲା।

## ଜୱାଦ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବିରେ କଂଗ୍ରେସର ରାଜଭବନ ଘେରାଉ ୧୫ରେ

ଭୁବନେଶ୍ୱର, ୮।୧୨(ପି.ଏନ): "ଜୱାଦ" ଜନିତ ଅଦିନିଆ ବର୍ଷା ଓଡ଼ିଶାର ଚାଷୀଭାଇ ମାନଙ୍କର ବର୍ଷକର ଆହାର ଛଡ଼ାଇ ନେଇଛି। ଏଭଳି ବିପ୍ରାତ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି। ଦାବି ପୂରଣ ନହେଲେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଆଗାମୀ ୧୫ ଡିସେମ୍ବର ବୁଧବାର ଦିନ ରାଜ ଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଂଗ୍ରେସ ପକ୍ଷରୁ ମୁଖପାତ୍ର ଅମିୟ ପାଣ୍ଡବ ଚେତାବନୀ ଦେଇଛନ୍ତି। କଂଗ୍ରେସ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ପଦ୍ମାକର ଗୁରୁ, ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ କୁମାର ପଟ୍ଟନାୟକ ଓ ବରିଷ୍ଠ ମୁଖପାତ୍ର ଅମିୟ ପାଣ୍ଡବ କହିଛନ୍ତି ଯେ, ଏଭଳି ସଂଗୀନ ପରିସ୍ଥିତିରେ ସରକାର ଅବିଳମ୍ବେ ଚାଷୀମାନଙ୍କ ଉପରୁ କୃଷି ଋଣ ଛାଡ଼ କରନ୍ତୁ। ଇନ୍‌ପୁଟ ସହାୟତାକୁ ତିନିଗୁଣା ବୃଦ୍ଧି କରାଯାଉ। ସରକାରଙ୍କ ତରଫରୁ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଯେଉଁ କୃଷି ଇନ୍‌ପୁଟ ସହାୟତାର ପ୍ରଚଳିତ ବ୍ୟବସ୍ଥା ରହିଛି, ତାହାକୁ ତୁରନ୍ତ ପରିବର୍ତନ କରାଯାଇ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସଂଶୋଧିତ ବୃଦ୍ଧି ସହାୟତା ପ୍ରଦାନ କରାଯାଉ। ଗଜା ମରୁଡ଼ି, ଅମଳ ପୂର୍ବରୁ ଫସଲ ନଷ୍ଟ ଏବଂ ବୀମା ଅଧିକୃତ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆଗୁଆ ବୀମାରାଶି ପ୍ରଦାନ, "ଜୱାଦ" ଲଘୁଚାପ ଆଶଙ୍କାରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଯେଉଁ ଚାଷୀମାନେ ତରବରିଆ ଭାବେ ସେମାନଙ୍କର ଫସଲ ଅମଳ କରି ରଖିଛନ୍ତି ତା'ର ମାନ ଖରାପ ହେବା ପୂର୍ବରୁ ସରକାର ତୁରନ୍ତ ମଣ୍ଡି ମାଧ୍ୟମରେ ଧାନ କିଣିବା। ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଗୁଣ୍ଠ ପ୍ରତି ସର୍ବନିମ୍ନ ୩ ହଜାର ଟଙ୍କା କ୍ଷତିପୂରଣ ରାଶି ସରକାର ପ୍ରଦାନ କରିବା, ଚଳିତ ରବି ଋତୁ ପାଇଁ ସରକାର ମାଗଣାରେ ଚାଷୀଙ୍କୁ ଉତ୍କୃଷ୍ଟ ମାନର ବିହନ, ସାର, କିଟନାଶକ ଔଷଧ ଯୋଗାଇ ଦେବା ଓ କ୍ଷତିଗ୍ରସ୍ତ ଭାଗଚାଷୀ ମାନଙ୍କୁ ସରକାର ଉପଯୁକ୍ତ କ୍ଷତିପୂରଣ ଓ ସହାୟତାର ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ମୁଖପାତ୍ର ଶ୍ରୀ ଗୁରୁ ସରକାରଙ୍କ ଠାରେ ଦୃଢ଼ ଦାବି କରିଛନ୍ତି।

## ଉଚ୍ଛେଦକୁ ବିରୋଧ କରି ଉଠାଦୋକାନୀ ମାନଙ୍କ ବିଶାଳ ସମାବେଶ

ଭୁବନେଶ୍ୱର,୮।୧୨(ପି.ଏନ): ଉଠାଦୋକାନୀମାନଙ୍କୁ ଥଇଥାନ ପରିବର୍ତେ ସେମାନଙ୍କୁ ଉଚ୍ଛେଦ କରିବା ଦାବିରେ ସାରା ଭାରତରେ ଉଠାଦୋକାନୀମାନଙ୍କର ବିକ୍ଷୋଭ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଜଧାନୀ ଭୁବନେଶ୍ୱରରେ ଉଚ୍ଛେଦକୁ ବିରୋଧ କିର ଉଠାଦୋକାନୀମାନଙ୍କର ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଯାଇଛି। ରାଜମହଲଛକରୁ ମାଷ୍ଟର କ୍ୟାଂଟିନ ପର୍ଯ୍ୟନ୍ତ ୨୦୦ ଉଠାଦୋକାନୀଙ୍କ ପ୍ରତିନିଧି ଏକ ଶୋଭାଯାତ୍ରାରେ ଆସି ପିଏମ୍‌ଜିଠାରେ ପହଂଚିଥିଲେ ଏବଂ ସେଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା ।ଏଠାରେ ପ୍ରକାଶଥାଉ, ରାଜ୍ୟ ସରକାର, ବିଏମ୍‌ସି ଓ ନିଖିଳ ଉତ୍କଳ କ୍ଷୁଦ୍ର ବ୍ୟବସାୟୀ ଓ ଭେଣ୍ଡିଂଜୋନ ସୁରକ୍ଷା ଟ୍ରଷ୍ଟର ମିଳିତ ଉଦ୍ୟମରେ ୨୦୦୬ ମସିହାରେ ଭୁବନେଶ୍ୱରରେ ପ୍ରଥମ କରି ପାଖାପାଖି ୬୦ଟି ସଂଘର ୧୫୦୦ ଉର୍ଦ୍ଧ୍ୱ ଉଠାଦୋକାନୀମାନଙ୍କୁ ଭେଣ୍ଡିଂଜୋନ ମାଧ୍ୟମରେ ଥଇଥାନ କରାଯିବା ସହ ସାରା ବିଶ୍ୱରେ ବିଏମ୍‌ସି ଏକ ପରିଚୟ ସୃଷ୍ଟି କରିଥିଲା ଏବଂ ଭୁବନେଶ୍ୱର ଭେଣ୍ଡିଂଜୋନ ଭାରତ ସରକାରଙ୍କର ଏକ ମଡ଼େଲ ଭାବରେ ଗ୍ରହଣ କରି ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ଭୁବନେଶ୍ୱର ଭେଣ୍ଡିଂଜୋନ ଦେଖିବା ପାଇଁ ମଧ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବଡ଼ ଦୁଃଖର ବିଷୟ ଏହା ମଧରେ ଦୀର୍ଘବର୍ଷ ବିତିଯାଇଥିଲେ ମଧ ଆଉ ନୂତନ ଭଣ୍ଡିଂଜୋନ ତିଆରି କରାଯାଇ ନାହିଁ କି ଉଠାଦୋକାନୀମାନଙ୍କୁ ଥଇଥାନ କରାଯାଇ ନାହିଁ। ତେଣୁ ଉଠାଦୋକାନୀଙ୍କୁ ଉଚ୍ଛେଦ ନକରି ଥାଇଥାନ କରିବା ପାଇଁ ସଂଘ ତରଫରୁ ଉଠାଦୋକାନୀ ୱେଲଫେୟାର ବୋର୍ଡ଼ ଗଠନ କରିବା, ଉଠାଦୋକାନୀ ଆଇନକୁ ସମସ୍ତ ମ୍ୟୁନିସିପାଲିଟି, ଏନ୍.ଏ.ସି. କର୍ପୋରେସନରେ କାର୍ଯ୍ୟକାରୀ କରିବା, ପ୍ରତ୍ୟେକ ଏନ୍.ଏ.ସି., ମ୍ୟୁନିସିପାଲିଟି କର୍ପୋରେସନରେ ଟାଉନ ଭେଣ୍ଡିଂଜୋନ ଗଠନ କରିବା, ଆଇନ୍ ଅନୁଯାୟୀ ପ୍ରଥମେ ଥଇଥାନ ପୂର୍ବରୁ ଉଚ୍ଛେଦ ବନ୍ଦ କରିବା, ହାଇକୋର୍ଟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା, ବିଏମ୍‌ସିର ମନୋମୁଖୀ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା, ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନଙ୍କୁ ତୁରନ୍ତ ଥଇଥାନ କରିବା, ଫନି ଓ କରୋନାରୁ ବଂଚିତ ଉଠାଦୋକାନୀମାନଙ୍କୁ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରିବା, ସ୍ମାର୍ଟସିଟି ଅ ଳରେ ଆଇନ୍‌କୁ ଖିଲାପ କରି ଉଠାଦୋକାନୀମାନଙ୍କୁ ବଳପୂର୍ବକ ଉଚ୍ଛେଦକୁ ବନ୍ଦ କରିବା ଆଦି ୯ ଦଫା ସମ୍ବଳିତ ଦାବିପତ୍ର ମାନ୍ୟବର ଆଇନ୍ ଓ ନଗର ଉନ୍ନୟନ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରତାପ ଜେନାଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଠାଦୋକାନୀ ମହାସଂଘର ସଭାପତି ପ୍ରତାପ ସାହୁଙ୍କ ସେମତ ଦିଲ୍ଲୀର ସୁବାସ ଭଟ୍ଟନାଗର ଏବଂ ଉପାସନା ଯୋଗଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ଅନୁଜ ପ୍ରଧାନ, ସୁଦର୍ଶନ ତୃଷ୍ଟି, ନିରଞ୍ଜନ ପାଣ୍ଡେ, ସୂର୍ଯ୍ୟମଣି ସାହୁ, ଅନୁ ମିଶ୍ର, ବସନ୍ତ ବାବୁ, ବାନାମ୍ବର ପଟ୍ଟନାୟକ, କାଳନ୍ଦୀ ବାବୁ, କା କେଶ୍ୱର ନାୟକ, ଏମ୍‌ଡ଼ି ଗୁଲଜର ପ୍ରମୁଖ ଉପସ୍ଥିତ ଥିଲେ।

## ଠିକାସଂସ୍ଥାର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଧରି ଆକାଉଣ୍ଟାଣ୍ଟ ଫେରାର-ଥାନାରେ ଏତଲା

ପାରାଦୀପ,୮।୧୨(ପି.ଏନ): ପାରାଦୀପର ସାଇକୃପା କନ୍‌ଷ୍ଟ୍ରକସନ୍‌ର ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଧରି ସଂସ୍ଥାରେ ଆକାଉଣ୍ଟାଣ୍ଟ ଫେରାର ହୋଇଯିବା ନେଇ ପାରଦୀପ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି । ଘଟଣାରୁ ପ୍ରକାଶ ଯେ,ପାରାଦୀପର ସାଇକୃପା କନ୍‌ଷ୍ଟ୍ରକସନ୍‌ରେ ପ୍ରାୟ ୭ବର୍ଷ ଧରି ସଂସ୍ଥାର ହିସାବ ନିରୀକ୍ଷକ ଭାବେ କାମ କରୁଥିଲେ ବିଶ୍ୱଜିତ ବଳ । ପାରାଦୀପ ସିଏଚ୍ କଲୋନୀରେ ରହୁଥିବା ବେଣୁ ବଳଙ୍କ ପୁଅ ବିଶ୍ୱଜିତ୍ ଏହି ଠିକା ସଂସ୍ଥାରେ କାମ କରିବା ସହ ସଂସ୍ଥା ଅଧିନରେ ବିଭିନ୍ନ ସପ୍ଲାୟ କାମରେ ନିୟୋଜିତ ବ୍ୟକ୍ତି ବିଶେଷଙ୍କୁ ସେମାନଙ୍କ ଦେୟ ପ୍ରଦାନ କରିଥାନ୍ତି । ସଂସ୍ଥାର ସମସ୍ତ ଆର୍ଥିକ କାରବାର ନଗଦ, ଚେକ୍ ଆଦି ବିଶ୍ୱଜିତ୍ ପ୍ରଦାନ କରୁଥିଲେ । ବାଲି, ଗୋଡି, ଗାଡି, ମେସିନ୍ ଆଦି ବିଭିନ୍ନ ବ୍ୟକ୍ତିମାନେ ଏହି ସଂସ୍ଥା ଅଧିନରେ ନିୟୋଜିତ କରିଥାନ୍ତି । ସେମାନଙ୍କର ଦେୟ ବାବଦରେ ଥିବା ରେଜିଷ୍ଟର, ତଥା ଅନ୍ୟ ରେଜିଷ୍ଟର ଗୁଡିକ ନେଇ ବିଶ୍ୱଜିତ୍ କେଉଁ ଆଡେ ଫେରାର ହୋଇଯାଇଥିବା ନେଇ ସଂସ୍ଥାର ମୁଖ୍ୟ ରାକେଶ କୁମାର ପଟ୍ଟନାୟକ ଗତ ୨୨ ତାରିଖରେ ପାରାଦୀପ ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ । ଏପରିକି ଆକାଉଣ୍ଟାଣ୍ଟ ଶ୍ରୀ ବଳ କମ୍ପ୍ୟୁଟରରେ ଥିବା ହିସାବ ଗୁଡିକୁ ମଧ ଉଡେଇ ଦେଇଥିବା ନେଇ ଶ୍ରୀ ପଟ୍ଟନାୟକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ବିଭିନ୍ନ ସାମଗ୍ରୀର ରୟାଲଟି ଅର୍ଥ ଭରଣା ନକରି ସେ ଗୁଡିକୁ ବିଶ୍ୱଜିତ୍ ନକଲି ଚାଲଣ ଦେଇ ଅର୍ଥ ହରିଲୁଟ୍ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଶ୍ରୀ ପଟ୍ଟନାୟକ କରିଛନ୍ତି । ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଅର୍ଥାତ୍ ଫେବୃୟାରୀ ମାସରୁ ସମସ୍ତ ହିସାବ ଖାତା ଓ କମ୍ପ୍ୟୁଟରରେ ଡାଟା ଉପଲବ୍ଧ ଥିବା ବେଳେ ଏହାପୂର୍ବର ୫ ବର୍ଷର କୌଣସି ତଥ୍ୟ ନମିଳିବା ସଂସ୍ଥା ପାଇଁ ଚିନ୍ତା ବଢାଇ ଦେଇଛି । ଏନେଇ ଶ୍ରୀ ପଟ୍ଟନାୟକ ଶ୍ରୀ ବଳଙ୍କୁ ଯୋଗାଯୋଗ କରିବା ପରେ ସେ ଓ ତାଙ୍କ ସମ୍ପର୍କୀୟଙ୍କ ସହ ସଂସ୍ଥାର କାର୍ଯ୍ୟାଳୟକୁ ଆସି ସମସ୍ତ କାଗଜପତ୍ର ଫେରାଇ ଦେବାର ପ୍ରତିଶୃତି ଦେବା ପରେ ଆଉ ତାଙ୍କ ମୋବାଇଲ୍ ଅନ୍ ନଥିବାରୁ ସଂସ୍ଥା ଚଳେଇବାରେ ନାନା ଅସୁବିଧା ସୃଷ୍ଟି ହୋଇଥିବା ନେଇ ଶ୍ରୀ ପଟ୍ଟନାୟକ କହିଛନ୍ତି । ଏସମ୍ପର୍କରେ ପାରାଦୀପ ପୋଲିସ୍ ବିଶ୍ୱଜିତ୍‌ଙ୍କୁ ନିଖୋଜ ଥିବା ନେଇ କହିଥିବା ସେ କହିଛନ୍ତି । ଏସଂମ୍ପର୍କରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ତାଙ୍କ ସଂସ୍ଥାର ହିସାବ ଖାତା ଓ ଫେରିପାଇବାକୁ ସେ ଅନୁରୋଧ କରିଥିବା କହିଛନ୍ତି । ଏହି ସଂସ୍ଥା ମାଧ୍ୟମରେ ବାର୍ଷିକ କୋଟି କୋଟି ଟଙ୍କାର କାରବାର ହୋଇଥାଏ। ହିସାବ ଖାତା ଓ କମ୍ପ୍ୟୁଟର ଡାଟା ନଥିବାରୁ ବିଭିନ୍ନ ସପ୍ଲାୟର୍ସମାନଙ୍କୁ ପେମେଣ୍ଟ କରିବାରେ ବହୁ ଅସୁବିଧା ହେଉଥିବା ନେଇ ଶ୍ରୀ ପଟ୍ଟନାୟକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରିଥିବା ନେଇ ସୂଚନା ଦେଇଛନ୍ତି ।

## ରତ୍ନଗର୍ଭା ମାଟିର ପିଲା ଅଧାରୁ ଛାଡୁଛନ୍ତି ପାଠ ପଢ଼ା; ବେଫିକର ସରକାର !

କୋଇଡା,୮।୧୨(ପି.ଏନ) : ରତ୍ନଗର୍ଭା କୋଇଡା ! ଏ ମାଟି ତଳେ ରହିଛି ଆଇରନ୍ ଓ ମାଙ୍ଗାନିଜ୍ ଭଳି ମୂଲ୍ୟବାନ୍ ଖଣିଜ ପଦାର୍ଥ। ଯାହାକୁ ନେବା ପାଇଁ କାହିଁ କେତେ ଦୂରରୁ ଧାଇଁ ଆସୁଛନ୍ତି ଦେଶୀ ବିଦେଶୀ ଲୋକ। ଅନ୍ତର୍ଜାତୀୟ ବଜାରରେ ଏହାର ମୂଲର୍ ଅଧିକ ରହିଥିବାରୁ ମାଲାମାଲ ହେଉଛନ୍ତି ଖଣି ମାଲିକ। ଆଉ ରାଜକୋଷ ମଧ କୁବେର ହେଉଛି। ହେଲେ କୋଇଡାର ମୂଳବାସିନ୍ଦାଙ୍କ ଜୀବନ ଶୈଳୀରେ କୌଣସି ପରିବର୍ତନ ହେଉନାହିଁ। ଦିନକୁ ଦିନ ନିମ୍ନମୁଖୀ ହେଉଛି ସେମାନଙ୍କ ଜୀବନ ଓ ଜୀବିକା। ଭାତ ଗୁଣ୍ଡାଏ ପାଇଁ ଜୀବନ ସହିତ ସଂଘର୍ଷ କରୁଛନ୍ତି। ଯେଉଁ ବାପା-ମାଆ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି, ସେମାନଙ୍କ ପିଲା କେମିତି ପାଠ ପଢ଼ିବେ ସେଥିପାଇଁ ତ ରତ୍ନଗର୍ଭା ମାଟିର ପୁଅ ଆଜି ଅଧାରୁ ପାଠ ପଢ଼ା ଛାଡି ଦାଦନ ଖଟୁଛି। ଯେଉଁ ବୟସରେ ହାତରେ ସିଲଟ ଓ ଖଡି ରହିବା କଥା, ସେ ବୟସରେ ମାଟିରେ ମାଟି ହୋଇଯାଉଛି କୋଇଡା ମାଟିର ସୁଯୋଗ୍ୟ ସନ୍ତାନ। କୋଇଡା ବ୍ଲକ୍‌ରେ ନାନା କାରଣରୁ ଅଧାରୁ ପାଠ ପଢ଼ା ଛାଡୁଛନ୍ତି ହଜାର ହଜାର ଛାତ୍ରଛାତ୍ରୀ। ତଥ୍ୟ କହୁଛି, ପ୍ରତ୍ୟେକ ବର୍ଷ ଏଠାରେ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧାରେ ପାଠ ଛାଡିବାକୁ ବାଧ ହେଉଛନ୍ତି। ପାରିବାରିକ ଆର୍ଥିକ ସ୍ଥିତି ଓ ସରକାରୀ ବିଧି ବ୍ୟବସ୍ଥା ପାଇଁ ସେମାନେ ଅଧାରୁ ପାଠ ପଢ଼ା ଛାଡୁଥିବା ଅଭିଯୋଗ ହୋଇଛି। ମାହାମାରୀ କରୋନା ବେଳେ ଅର୍ଥାତ ୨୦୨୦-୨୧ ଶିକ୍ଷାବର୍ଷରେ ଅଷ୍ଟମ ଶ୍ରେଣୀ ପାସ୍ କରିଥିବା ୨୯୯ ଛାତ୍ରଛାତ୍ରୀ ନବମ ଶ୍ରେଣୀରେ ନାମ ଲେଖାଇ ପାରିନାହାନ୍ତି। ଠିକ୍ ସେମିତି ୨୦୧୯-୨୦ ବର୍ଷରେ ୯୦୦ରୁ ଅଧିକ ପିଲା ପାଠ ପ?। ଛାଡିଛନ୍ତି। ଆଧାର କାର୍ଡରେ ନାଁ ଭୁଲ୍ ରହିବା, ଅଭିଭାବକଙ୍କ ନାଁ ବା ଜନ୍ମ ତାରିଖରେ ତ୍ରୁଟି, ବ୍ୟାଙ୍କ ଖାତା ନଥିବା, କିଛି ବିଦ୍ୟାଳୟରେ ସ୍ଥାନର ଅଭାବ ଓ ଗମନାଗମନର ଅସୁବିଧା ପାଇଁ



ଅଧାରୁ ପାଠ ପଢ଼ା ବନ୍ଦ ରହୁଥିବା ଅଭିଭାବକ ଏବଂ ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି ।କୋଇଡା ସଦର ମହକୁମାରେ ରହିଛି ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ। ଏଠାରେ ବର୍ତମାନ ୫ଟି ଶ୍ରେଣୀକୁ ସ୍ମାର୍ଟ କ୍ଲାସ୍ ରୁମ୍‌ରେ ରୂପାନ୍ତରିତ କରାଯାଇଛି। ଏହି ବିଦ୍ୟାଳୟଠାରୁ ୧୦ କିଲୋମିଟର ପରିଧି ଭିତରେ ଗୋଟିଏ ବି ଉଚ୍ଚ ବିଦ୍ୟାଳୟ ନାହିଁ। ଯାହା ଫଳରେ ଏହି ବିଦ୍ୟାଳୟ ଉପରେ ଆଖପାଖ ଅଞ୍ଚଳର ଛାତ୍ରଛାତ୍ରୀମାନେ ନିର୍ଭର କରୁଛନ୍ତି। ଆବଶ୍ୟକ ସ୍ଥଳେ ଏଠାରେ ବହୁ ଛାତ୍ରଛାତ୍ରୀ ନାମ ଲେଖାଇବାରୁ ବଞ୍ଚିତ ହେଉଛନ୍ତି ।ସବୁଠାରୁ ଦୁଃଖଦ କଥା ହେଉଛି, କୋଇଡାରୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ରାଜସ୍ୱ ଉପାର୍ଜନ କରୁଛନ୍ତି। ଏଥିସହ ବିଭିନ୍ନ କମ୍ପାନୀ ମାଲାମାଲ ହେଉଛନ୍ତି। ହେଲେ ଏ ଅଞ୍ଚଳର ବିକାଶ କରିବା କଥା ଭୁଲି ଯାଇଛନ୍ତି। ଗାଁ ଲୋକଙ୍କୁ ସାମାନ୍ୟ ମୌଳିକ ସୁବିଧା ଦେଉନାହାନ୍ତି। ଧୂଳି ଧୂଷରିତ ଅଞ୍ଚଳର ବିକାଶ କଥା ଛାଡନ୍ତୁ, ପିଲାଙ୍କ ପାଠ ପଢ଼ା ପ୍ରତି ରାଜ୍ୟ ସରକାର ଟିକେ ମାତ୍ର ନଜର ଦେଉନଥିବା ଅଭିଯୋଗ ହେଉଛି ।କୋଇଡା ଅଞ୍ଚଳର ଜଣେ ଛାତ୍ର କହିଛନ୍ତି, "କରୋନା କାଳରେ ଅଷ୍ଟମ ପାସ୍ କଲି। ହେଲେ କାଷ୍ଟ ସାର୍ଟିଫିକେଟ୍, ଇନକମ୍ ସାର୍ଟିଫିକେଟ୍ ବାହାର କରିପାରିଲିନି। ସେଥିପାଇଁ ସ୍କୁଲ ଯାଇପାରୁନି। ସେଥିପାଇଁ ପାଠ ପଢ଼ାକୁ ଅଧାରୁ ଛାଡିବାକୁ ପଡିଲା। ଏବେ ଘରେ ଅଛି । ଇଚ୍ଛା ଥିଲେ ମଧ ସ୍କୁଲ ଯାଇପାରୁନି।"ସେହିପରି ଆଉ ଜଣେ ଛାତ୍ରୀ କହିଛନ୍ତି, "ପଇସା ପତ୍ର ଅଭାବରୁ ପାଠ ପଢ଼ି ହେଉନି। ସ୍କୁଲ ଦୂରରେ ଅଛି । ଜଙ୍ଗଲ ରାସ୍ତା ଦେଇ ଏକୁଟିଆ ଯିବାପାଇଁ ଭୟ ଲାଗୁଛି । ସାଙ୍ଗମାନେ ପାଠ ପଢୁଛନ୍ତି, ହେଲେ ମୁଁ ଘରେ ରହୁଛି । ଦୁଇ ବର୍ଷ ହେଲା ଘରେ ଅଛି।"

## ମମିତା ମାମଲାରେ ସପ୍ତମ ଦିନରେ ବିଧାନସଭା ଅଚଳ

ଭୁବନେଶ୍ୱର,୮।୧୨(ପି.ଏନ):: ମମିତା ମେହେର ହତ୍ୟା ମାମଲାରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯାନୁଷ୍ଠାନ ଦାବିରେ ଆଜି ସପ୍ତମ ଦିନରେ ବି ବିଧାନସଭାରେ ଅଚଳାବସ୍ଥା ଜାରି ରହିଛି। ବିରୋଧୀ ବିଜେପି ଓ କଂଗ୍ରେସ ବିଧାୟକ ମାନେ ଏହି ମାମଲାରେ ହଟ୍ଟଗୋଳ କରିଥିଲେ । ବାଚସ୍ପତି ବାରମ୍ବାର ସେମାନଙ୍କୁ ନିଜ ନିଜ ସ୍ଥାନକୁ ଯିବାକୁ ନିବେଦନ କରିଥିଲେ ସୁଦ୍ଧା ବିଧାୟକ ମାନେ ତାହାକୁ ଶୁଣି ନ ଥିଲେ । ଫଳରେ ବାଚସ୍ପତି ୧୦.୩୩ରୁ ଅପରାହ୍ଣ ୧୧.୩୦ ଟା ଯାଏ ଗୃହକୁ ସ୍ଥଗିତ ରହିଲା ବୋଲି ଘୋଷଣା କରିବା ସହ ଅଚଳାବସ୍ଥାକୁ ଦୂର କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ସର୍ବଦଳୀୟ ବୈଠକ ପରେ ମଧ୍ୟ ଗୃହ ନଚାଲିବାରୁ ବାଚସ୍ପତି ଗୃହକୁ ଅପରାହ୍ଣ ୪ ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ । ଅପରାହ୍ଣ ବୈଠକରେ ବିରୋଧୀ ଦଳର ବିଧାୟକମାନେ ପୁଣି ଘଂଟ ପିଟି ପ୍ରତିବାଦ ଜଣାଇଥିଲେ । ଫଳରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ପୁଣି ଥରେ ସର୍ବଦଳୀୟ ବୈଠକ ଡାକିଥିଲେ। ଏହା ପରେ ସେ ଆସନ୍ତା କାଲି ପର୍ଯ୍ୟନ୍ତ ଗୃହକୁ ମୁଲତବୀ ରହିଲା ବୋଲି ଘୋଷଣା କରିଥିଲେ। ଆଜି ୧୦.୩୦ଟାରେ ନିର୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିଜେପି ଓ କଂଗ୍ରେସ ଦଳର ବିଧାୟକ ମାନେ ପ୍ଲାକାର୍ଡ ଧରି ନାରାବାଜୀ କରିଥିଲେ । ସେମାନେ ମମିତା ମେହେର ମାମଲାରେ ଦିବ୍ୟଶଙ୍କର ମିଶ୍ରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ବିଜେଡି ବିଧାୟକ ମାନେ ମଧ୍ୟ ପ୍ଲାକାର୍ଡ ଧରି ସେମାନଙ୍କର ଆସନରେ ଠିଆ ହେବା ଦେଖା ଯାଇଥିଲା । ସେମାନେ ଅଭିଯୁକ୍ତଙ୍କ ଓକିଲଙ୍କ ବିଜେପି ସହ ସମ୍ପର୍କ ଥିବା ଦର୍ଶାଉଥିବା ପ୍ଲାକାର୍ଡ ଧରିଥିଲେ। ବାଚସ୍ପତି ବିଧାୟର ମାନଙ୍କୁ କହିଥିଲେ ଯେ ଆଜି ଗୃହ ବିଭାଗର ଖର୍ଚ୍ଚ ଦାବି ଉପରେ ଆଲୋଚନା ହେବାର ଅଛି । ସେତେବେଳେ ସେମାନେ ତାଙ୍କର କଥା ଉଠାଇ ପାରିବେ। ହେଲେ ବିରୋଧୀ ବିଧାୟକ ମାନେ ତାଙ୍କ କଥା ଶୁଣି ନ ଥିଲେ।








# ଟି ଟାଇମ୍



## ଜୋକ୍ସ

ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?
ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା
ଶିକ୍ଷକ-କେଉଁଠି ପଡିଗଲ ଆଉ କ’ଣ ଲାଗିଗଲା ?
ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

# ପୁରାଣ କାହାଣୀ

## ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତରକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା’ ମା କଥା ମନେ ପଡିଲା । ମା’ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ରାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି ‘ମେରାଲଜିଆ ପାରେସ୍ଥଟିକା’ ବା ‘ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ’। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହଁ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାର୍ଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ନ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବାନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।




# ‘ଆହ୍ୱାନ’ ପକ୍ଷରୁ ‘ଆଖି’ ଚଳଚ୍ଚିତ୍ରର ସଙ୍ଗୀତ ଶୁଭମୁକ୍ତି ଓ ମହମ୍ମଦ ଅଜିଜ୍ ନାଇଟ୍

ଯାଜପୁର (ପିଏନ୍)-‘ଆହ୍ୱାନ’ ନାଟ୍ୟସଂସ୍ଥା ପକ୍ଷରୁ ଯାଜପୁର ସହରର ରୋଟାରୀ କ୍ଲବ୍‌ରେ ଓଡ଼ିଆ ଚଳଚ୍ଚିତ୍ର ‘ଆଖି’ର ସଙ୍ଗୀତ ଶୁଭମୁକ୍ତି ଏବଂ ଓଡ଼ିଆ ସଙ୍ଗୀତ ଜଗତର କିମ୍ବଦନ୍ତୀ ପ୍ରଚ୍ଛଦପଟ୍ଟ ଗାୟକ ମହମ୍ମଦ ଅଜିଜ୍‌ଙ୍କ ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉତ୍ସବ ସମାଜସେବୀ ହୃଷିକେଶ ପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଚଳଚ୍ଚିତ୍ର ସଙ୍ଗୀତର ଏକ ସି.ଡି ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଅତିଥିଭାବେ ଯାଜପୁରର ପୂର୍ବତନ ସାଂସଦ ଅଞ୍ଚଳ ଦାସ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମହମ୍ମଦ ଅଜିଜ୍‌ଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରିଥିଲେ ଓ କଳା, ସାହିତ୍ୟ, ସଂସ୍କୃତିର ପୁନଃଜାଗରଣ ନିମନ୍ତେ ‘ଆହ୍ୱାନ’ର ଐକାନ୍ତିକ ପ୍ରଚେଷ୍ଟାର ଭୂୟସୀ ପ୍ରଶଂସା କରିଥିଲେ । ମୁଖ୍ୟବକ୍ତାଭାବେ ବିଶିଷ୍ଟ କବି ଅଧ୍ୟାପକ ଦାମୋଦର ବେହେରା ଯୋଗଦେଇ ଯାଜପୁରର ଗୌରବୋଜ୍ଜ୍ୱଳ ଐତିହ୍ୟକୁ ଓଡ଼ିଆ ଚଳଚ୍ଚିତ୍ର ମାଧମରେ ‘ଆହ୍ୱାନ’ର କଳାକାରମାନେ ଉପହାର ଦେଇ ଯାଜପୁରର ଏକ ନୂତନ ଯୁଗର ଅୟମାରମ୍ଭ କରିଛନ୍ତି । ଚଳଚ୍ଚିତ୍ରର ସଙ୍ଗୀତଗୁଡ଼ିକ ମନୋମୁଗ୍ଧକର ହେବା ସହିତ ଏହା ଦର୍ଶକମାନଙ୍କ ଦ୍ୱାରା ବହୁଭାବରେ ଆଦୃତ ହେବ ବୋଲି ମତବ୍ୟକ୍ତ କରିଥିଲେ । ଯାଜପୁର ଗଣମାଧ୍ୟମର ସ୍ୱରକୁ ନିରପେକ୍ଷ ଓ ବାସ୍ତବଧର୍ମୀ କରାଇବା କ୍ଷେତ୍ରରେ ବିଶେଷ ଭୂମିକା ଗ୍ରହଣ କରିଥିବା ଟି.ଭି. ସାମ୍ବାଦିକ ସନ୍ଦୀପ ରାୟ, ଦେବାଶିଷ ସାହୁ, ସୁରେନ୍ଦ୍ର ସାମଲ ଏବଂ ଅନୀଲ କୁମାର ପଣ୍ଡାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ଫିଲ୍ମର ଗୀତିକାର ତଥା ସମ୍ମାନୀତ ଅତିଥି ଆଇନଜୀବୀ ବିଷ୍ଣୁ ଦଳେଇ ଏବଂ ଓଡ଼ିଆ ଚଳଚ୍ଚିତ୍ର ସମ୍ମାନପ୍ରାପ୍ତ ବିଶିଷ୍ଟ ସଙ୍ଗୀତ ନିର୍ଦ୍ଦେଶକ ଦୀନେଶ ମଲ୍ଲିକ ଯୋଗଦେଇ ଫିଲ୍ମର ସଙ୍ଗୀତ ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ପାଦକ ବିଶ୍ୱଜିତ ସାହୁଙ୍କ ରଚନା, ନିର୍ଦ୍ଦେଶନାରେ ନିର୍ମିତ ‘ଆଖି’ ଫିଲ୍ମ ବିଷୟରେ ପୁଙ୍ଖାନୁପୁଙ୍ଖ ବିବରଣୀ ପ୍ରଦାନ କରିଥିଲେ । ମହମ୍ମଦ ଅଜିଜ୍ ନାଇଟ୍ ସଙ୍ଗୀତ କାର୍ଯ୍ୟକ୍ରମରେ ବିଶ୍ୱଜିତ ସାହୁ, ଜୟନ୍ତ ବେହୁରିଆ, ମଧୁମିତା ନନ୍ଦ, ପ୍ରଦୀପ କୁମାର ଖୁଣ୍ଟିଆ, ସରୋଜିନୀ ଦାସ, ପ୍ରଦୀପ ଜେନା, ଅମୂଲ୍ୟ ଜେନା ଗୀତ ଗାଇଥିଲେ । ବାଦ୍ୟଯନ୍ତ୍ରରେ ସୂର୍ଯ୍ୟମଣି ନାୟକ, ନନ୍ଦୀ ମଲ୍ଲିକ, ତୁଷାର ନାୟକ, ଭବାନୀ ଶଙ୍କର ପତି ଓ ଶବ୍ଦ ଏବଂ ଆଲୋକ ଟୁନୁ ଲାଇଟ୍ ଆଣ୍ଡ ସାଉଣ୍ଡ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ରାଜେଶ୍ୱର ସାହୁ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ପ୍ରଜ୍ଞା ପାରମିତା ରାଉତ, ଅର୍ପିତ ମିଶ୍ର, ଜଗନ୍ନାଥ ମିଶ୍ର, ଜୟଦେବ ରାଉତ, ରବୀନ୍ଦ୍ର ରାଉତ, ଅକ୍ଷୟ ପୃଷ୍ଟି, ସତ୍ୟଜିତ ସାହୁ, ରାଜେନ୍ଦ୍ର ସାହୁ, ଗୋପାଳ ସାହୁ, ଓଡ଼ିଆ ଚଳଚ୍ଚିତ୍ର କଳାକାର ବ୍ରଜ ସିଂ ଓ ବାଙ୍କୁ ଲେଙ୍କା, ଜିତେନ୍ଦ୍ର ବେହେରା, ପ୍ରମୋଦ ଜେନା, ଦିଲ୍ଲୀପ ପଣ୍ଡା, ପ୍ରଦୀପ ରାଉତ, ଚଳଚ୍ଚିତ୍ର ଅଭିନେତ୍ରୀ, ଅଭିନେତା ଉପସ୍ଥିତ ଥିଲେ । ତିଳୋତ୍ତମା ଜେନା, ରୀତା ରାଉତ, ନମିତା ମିଶ୍ର, ରୀନା ବାରିକ, ସୁବାସ ମହାପାତ୍ର, ଅଧିକାରୀ ନବକିଶୋର ଦାସ, ସେକ୍ ସରାଫତ୍ ପ୍ରମୁଖ ସହଯୋଗ କରିଥିଲେ । ଉପଦେଷ୍ଟା ନିରାକାର ସାହୁ ଧନ୍ୟବାଦ ଦେଇଥିଲେ ।

# ଭୂତଧାତ୍ରୀ ଶକ୍ତିପୀଠ



ଦେବୀ ଭାଗବତ ପୁରାଣରେ ୧୦୮, କାଳିକା ପୁରାଣରେ ୨୬, ଶିବଚରିତରେ ୫୧, ଦୁର୍ଗାଶପ୍ତସତୀ ଏବଂ ତନ୍ତ୍ର ଚୂଡ଼ାମଣିରେ ଭାରତୀୟ ଉପମହାଦେଶରେ ଥିବା ଶକ୍ତିପୀଠ



ଗୁଡ଼ିକର ସଂଖ୍ୟା ୫୨ ବୋଲି କୁହା ଯାଇଛି । ମାତ୍ର ଶକ୍ତିପୀଠ ସଂଖ୍ୟା ୫୧ଟି ବୋଲି କେତେକ ମତ ଦିଅନ୍ତି । ତେବେ ତନ୍ତ୍ର ଚୂଡ଼ାମଣିରେ ପ୍ରାୟ ୫୨ଟି ଶକ୍ତିପୀଠ ସଂପର୍କରେ କୁହାଯାଇଛି । ଏହି କ୍ରମରେ ମାତା ସତୀଙ୍କ ଶକ୍ତିପୀଠମାନଙ୍କ ମଧ୍ୟରେ “ଯୁଗାଦ୍ୟା-ଭୂତଧାତ୍ରୀ ଶକ୍ତିପୀଠ” ଅନ୍ୟତମ । ଏହି ଶକ୍ତିପୀଠ ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ ବର୍ଦ୍ଧମାନ ଜିଲ୍ଲାର କ୍ଷୀର ଗ୍ରାମରେ ଅବସ୍ଥିତ ।



ହିନ୍ଦୁମାନଙ୍କର ଧାର୍ମିକ ସ୍ଥାନ ଗୁଡ଼ିକ ମଧ୍ୟରେ “ଯୁଗାଦ୍ୟା-ଭୂତଧାତ୍ରୀ ଶକ୍ତିପୀଠ” ଅନ୍ୟତମ । “ଯୁଗାଦ୍ୟା-ଭୂତଧାତ୍ରୀ” ଶକ୍ତିପୀଠରେ ମାତା ସତୀଙ୍କ ଡ଼ାହାଣ ପାଦର ଅଙ୍ଗୁଠି (ଖଣ୍ଡ) ପଡ଼ିଥିଲା । ପୌରାଣିକ କଥା ଏବଂ ହିନ୍ଦୁ ପୁରାଣ ଶାସ୍ତ୍ର ଅନୁଯାୟୀ ଶକ୍ତିପୀଠ ଗୁଡ଼ିକର ସୃଷ୍ଟି ସଂପର୍କରେ ଏକ ଚମକପ୍ରଦ କାହାଣୀ ରହିଛି । ଭଗବାନ ବ୍ରହ୍ମାଙ୍କ ପୁତ୍ର ଦକ୍ଷରାଜ ଯଜ୍ଞ କଲାବେଳେ କୌଣସି କାରଣରୁ ନିଜ ଝିଅ ବା ଭଗବାନ ଶିବଙ୍କ ପତ୍ନୀ ଦେବୀ ସତୀ ଓ ଭଗବାନ ଶିବଙ୍କୁ ଯଜ୍ଞରେ ଉପସ୍ଥିତ ହେବାକୁ ନିମନ୍ତ୍ରଣ କଲେ ନାହିଁ । ଫଳରେ ଦେବୀ ସତୀ ନିଜେ ବାପାଙ୍କ ଯଜ୍ଞସ୍ଥଳରେ ପହଞ୍ଚିଲେ ଓ ବାପାଙ୍କୁ କିଛି କହିବା ପୂର୍ବରୁ ସ୍ୱୟଂ ଦକ୍ଷରାଜ ଝିଅ ସତୀ ଓ ଭଗବାନ ଶିବଙ୍କୁ ଅପମାନସୂଚକ କଥା ଶୁଣାଇଲେ । ସେଠାରେ ସମସ୍ତ ଦେବୀ ଦେବତା ଉପସ୍ଥିତ ଥିବାରୁ



ମାତା ସତୀଙ୍କୁ ଖୁବ୍ ବାଧିଲା । ଅତି ଦୁଃଖରେ ମ୍ରିୟମାଣ ହୋଇ ମାତା ସତୀ ସେହି ଯଜ୍ଞକୁଣ୍ଡରେ ଆତ୍ମଦାହ କରିଦେଲେ । ତ୍ରିକାଳଦର୍ଶୀ ଶିବ ଏ ଖବର ଜାଣି ସତୀଙ୍କ ମର ଶରୀର ପାଖରେ ପହଞ୍ଚିଲେ ଓ ରାଗରେ ଜର୍ଜ୍ଜରିତ ହୋଇ ନିଜ ହାତରେ ମାତା ସତୀଙ୍କ ମୃତ ଶରୀର ଧରି ତାଣ୍ଡବ ନୃତ୍ୟ କରିବାକୁ ଲାଗିଲେ । ଏହାଫଳରେ ସାରା ବିଶ୍ୱରେ ଚାଲିଲା ଧ୍ୱଂସଲୀଳା । ମଣିଷ, ପଶୁ ଓ ଦେବୀ ଦେବତା ସମସ୍ତେ ଭୟରେ ଥରି ଉଠିଲେ । ଏହାର ସମାଧାନ ପାଇଁ ଦେବୀ ଦେବତା ମାନେ ଭଗବାନ ବ୍ରହ୍ମା ଓ ଭଗବାନ ବିଷ୍ଣୁଙ୍କୁ ଅନୁରୋଧ କଲେ । ଭଗବାନ ବିଷ୍ଣୁ ମନେ ମନେ ଏହାର ସମାଧାନର ଉପାୟ ବାହାର କଲେ । ଭଗବାନ ଶିବ ଧରିଥିବା ସତୀଙ୍କ ମର ଶରୀରକୁ ଖଣ୍ଡ ବିଖଣ୍ଡିତ କରି ଆତ୍ମା ରହିତ କରିବାକୁ ଭଗବାନ ବିଷ୍ଣୁ ନିଜର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ । କିଛି କ୍ଷଣ ମଧ୍ୟରେ ମା’ ସତୀଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଗଲା ଓ ମା’ଙ୍କ ଶରୀରର ବିଭିନ୍ନ ଅଂଶ ଭାରତୀୟ ଉପମହାଦେଶର ବିଭିନ୍ନ ସ୍ଥାନରେ ବିଞ୍ଚି ହୋଇ ପଡ଼ିଲା । ସର୍ବ ଶେଷରେ ମାତା ସତୀଙ୍କ ଅଙ୍ଗର ମୁଖ୍ୟାଂଶ ସହ ସମସ୍ତ ଅଂଶ ବା ଖଣ୍ଡକୁ ଖୋଜି ପୂଜାର୍ଚ୍ଚନା ତଥା ଖଣ୍ଡଗୁଡ଼ିକର ସୁରକ୍ଷା ପାଇଁ ଭଗବାନ ଭୈରବଙ୍କୁ ନିର୍ଦ୍ଦେଶ ଦେଲେ ଭଗବାନ ବ୍ରହ୍ମା । ସେହି ଦୁର୍ଲଭ ସ୍ଥାନ ଗୁଡ଼ିକୁ ଭଗବାନ ବ୍ରହ୍ମା, ଭଗବାନ ବିଷ୍ଣୁ ଓ ଭଗବାନ ଶିବ ମିଶି ଶକ୍ତି ପୀଠର ମାନ୍ୟତା ଦେଲେ । ଏହି ଶକ୍ତିପୀଠରେ ଶକ୍ତିଙ୍କୁ “ଯୁଗାଦ୍ୟା ବା ଭୂତଧାତ୍ରୀ” ଓ ଭଗବାନ ଶିବଙ୍କୁ କ୍ଷୀର ଖଣ୍ଡକ (କ୍ଷୀର କଣ୍ଟକ) ଭାବରେ ପୂଜା କରାଯାଏ । କ୍ଷୀରଗ୍ରାମର ଭୂତଧାତ୍ରୀ ମହାମାୟାଙ୍କ ସହିତ ଦେବୀ ଯୁଗାଦ୍ୟାଙ୍କ ଭଦ୍ରକାଳୀ ମୂର୍ତ୍ତି ମିଶିଗଲା । “ଭୂତଧାତ୍ରୀ ମହାମାୟା ଭୈରବ ବା କ୍ଷୀର କଣ୍ଟକ” ଭାବେ ଏଠାରେ ପୂଜିତ ।

ବର୍ଦ୍ଧମାନ ରେଳ ଜଙ୍କସନ୍‌ରୁ ୩୯ କିଲୋମିଟର ଉତ୍ତର-ପଶ୍ଚିମରେ ତଥା କଟୱାରୁ ୨୧ କିଲୋମିଟର ଦକ୍ଷିଣ-ପଶ୍ଚିମରେ ମହାକୁମାର-ମଙ୍ଗଳକୋଟ ଥାନା ଅନ୍ତର୍ଗତ କ୍ଷୀରଗ୍ରାମରେ “ଯୁଗାଦ୍ୟା ବା ଭୂତଧାତ୍ରୀ” ଶକ୍ତିପୀଠ ଅବସ୍ଥିତ ।

ତ୍ରେତେୟା ଯୁଗରେ ଅହିରାବଣ ପାତାଳରେ ଯେଉଁ କାଳୀ ମାତାଙ୍କର ଉପାସନା କରିଥିଲେ, ସେ ହିଁ ସ୍ୱୟଂ ମାତା “ଯୁଗାଦ୍ୟା ବା ଭୂତଧାତ୍ରୀ” ଥିଲେ ବୋଲି କୁହାଯାଏ । ଆହୁରି ମଧ୍ୟ କୁହାଯାଏ ଯେ, ପାତାଳ ପୁରରୁ ରାମ-ଲକ୍ଷ୍ମଣଙ୍କୁ ଅହିରାବଣ ଠାରୁ ଛଡ଼ାଇ ଆଣି ଫେରିବା ବେଳେ ହନୁମାନ ମାତା “ଯୁଗାଦ୍ୟା ବା ଭୂତଧାତ୍ରୀ” ଙ୍କୁ ମଧ୍ୟ ନିଜ ସାଙ୍ଗରେ ଆଣିଥିଲେ ଓ କ୍ଷୀରଗ୍ରାମରେ ମାତା “ଯୁଗାଦ୍ୟା ବା ଭୂତଧାତ୍ରୀ”ଙ୍କୁ ସ୍ଥାପିତ କରିଥିଲେ ।

ବଙ୍ଗଳାର ଅନେକ ଗ୍ରନ୍ଥ ବ୍ୟତୀତ ‘ଗନ୍ଧର୍ବତନ୍ତ୍ର’, ‘ସାଧକ ଚୂଡ଼ାମଣି’, ‘ଶିବ ଚରିତ’ ତଥା ‘କୃତ୍ତିବାସୀ ରାମାୟଣ’ ରେ “ଯୁଗାଦ୍ୟା ବା ଭୂତଧାତ୍ରୀ” ଦେବୀଙ୍କ ବିଷୟରେ ବ୍ୟାପକ ବର୍ଣ୍ଣନା ରହିଛି ।

ଏହି ଶକ୍ତିପୀଠରେ ବିଭିନ୍ନ ପର୍ବପର୍ବାଣୀ ଧୂମଧାମ୍‌ରେ ପାଳିତ ହୋଇଥାଏ । ବିଶେଷତଃ ଦୁର୍ଗା ପୂଜା ଓ ପବିତ୍ର ନବରାତ୍ର ଉତ୍ସବ ଧୂମଧାମରେ ପାଳନ କରାଯାଏ । ଏହି ପର୍ବ ମାତାଙ୍କର ସବୁଠୁ ବଡ଼ ପର୍ବ ଭାବରେ ପାଳନ କରାଯାଏ । ମନ୍ଦିରର ଆଧ୍ୟାତ୍ମିକ ପରିବେଶ ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କ ମନ, ପ୍ରାଣ ଓ ହୃଦୟ କୁ ଶାନ୍ତି ପ୍ରଦାନ କରିଥାଏ । ବର୍ଷର ସବୁ ସମୟରେ ମାତାଙ୍କର ଏହି ଶକ୍ତିପୀଠରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥାଏ । ଦେବୀଙ୍କର ମନ୍ଦିରର ଅପରୂପ ଶୋଭା ଦେଖିବା ଭଳି ହୋଇଥାଏ । ଏଥିପାଇଁ ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁ ମୁଖ୍ୟତଃ ମାତାଙ୍କୁ ପୂଜା କରିବାକୁ ଏଠାକୁ ଆସିଥାନ୍ତି । ଏଠାକାର ପୂଜାବିଧିର ପ୍ରତ୍ୟେକ କାର୍ଯ୍ୟକ୍ରମ ଖୁବ୍ ଆନନ୍ଦ ଦାୟକ ଓ ମନୋରମ । ଯେଉଁ ଭକ୍ତ ମାତାଙ୍କୁ ଦର୍ଶନ ପାଇଁ ଏଠାକୁ ଆସନ୍ତି, ସେମାନଙ୍କର ସବୁ ପ୍ରାର୍ଥନା ଓ ମନୋସ୍କାମନା ପୂରଣ ହୋଇଥାଏ ବୋଲି କୁହାଯାଏ ।



ଏଥିଯୋଗୁ ମାତା ପ୍ରତ୍ୟକ୍ଷ ଦେବୀ ବୋଲି ଭକ୍ତ ଓ ଶ୍ରଦ୍ଧାଳୁମାନଙ୍କର ବିଶ୍ୱାସ ରହିଛି ।

**ଶରତ କୁମାର ରାଉତ**
**ଭୁବନେଶ୍ୱର, ମୋ: ୯୩୩୭୩୬୯୪୪୮**



## ଗଣମାଧ୍ୟମ ସମାଜର ଜାଗ୍ରତ ପ୍ରହରୀ

ଅନୁଗୋଳ (ପିଏନ୍): ଅନୁଗୋଳ ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ସ୍ଥାନୀୟ ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷରେ କରୋନା ଗାଇଡଲାଇନ ଅନୁସାରେ ସଂଘର ସଭାପତି ଦ୍ୱାରିକା ପ୍ରସାଦ ନନ୍ଦଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳର ଅତିରିକ୍ତ ଜିଲ୍ଲାପାଳ ରଜନୀକାନ୍ତ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ କୋଭିଡ-୧୯ ମହାମାରୀ ସମୟରେ ଗଣମାଧ୍ୟମର ଭୂମିକା ଅତ୍ୟନ୍ତ ସୁଦୂର ପ୍ରସାରୀ ଓ ପ୍ରଭାବଶାଳୀ ଥିଲା, ପ୍ରକୃତରେ ଗଣମାଧ୍ୟମର ପ୍ରତିନିଧିମାନେ ସମାଜର ଜାଗ୍ରତ ପ୍ରହରୀ ବୋଲି ପ୍ରକାଶ କରିଥିଲେ । ସମ୍ମାନନୀୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଶାସକ ଓ ଶିକ୍ଷାବିତ ଡଃ ଧରଣୀଧର ନାଥ ପ୍ରେସ ସ୍ୱାଧିନତା, ଗଣମାଧ୍ୟମ ପ୍ରତିନିଧିମାନଙ୍କର ଅଦମ୍ୟ ସାହସ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ ଶାନ୍ତନୁ କୁମାର ସର ସମାଜରେ ଗଣମାଧ୍ୟମର ଭୂମିକା, କରୋନା ସମୟରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପ୍ରଶଂସନୀୟ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ସାମ୍ବାଦିକମାନେ ଦାବି କରିଆସୁଥିବା ପେନସନ ଓ ସାମ୍ବାଦିକ ସୁରକ୍ଷା ଆଇନ ତୁରନ୍ତ ପ୍ରଚଳନ କରିବାକୁ ଅନୁରୋଧ କରିଥିଲେ । ପ୍ରେସ କାଉନସିଲ ଅଫ ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ସହାମାରୀ ସମୟର ଗଣ ମାଧ୍ୟମ ଏକ ନୂତନ ଆହ୍ୱାନ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଗୋପାଳ ନାଥ, ବିଜୟ ସ୍ୱାଇଁ, ହିଂମାଂଶୁ ଗଡନାୟକ, ତପନ ଦାସ, ନିର୍ମଳ ଅଗ୍ରୱାଲ, ପ୍ରଦୀପ ମହାରଣା, ରଶ୍ମୀ ରନ ମିଶ୍ର, ଆଶିଷ ସିଂହ, ପ୍ରତାପ ବିଶ୍ୱାଳ, ସରୋଜ ନାଥ, ଶୁସିଲ ନନ୍ଦ, ବନମାଳୀ ନାଏକ, ଅଶୋକ ଜେନା, ସୁବାଷ ସାହୁ, ବିନୟ ବେହେରା, ରାଜେଶ ସାକସେରିଆ, ମେହମୁଦ ଖାଁ, ବଜରଙ୍ଗ ଅଗ୍ରୱାଲଙ୍କ ସମେତ ସମଗ୍ର ଜିଲ୍ଲାର ଶତାଧିକ ସାମ୍ବାଦିକ ଯୋଗଦେଇଥିଲେ । ପ୍ରରମ୍ଭରେ ସଂଘର ସାଧାରଣ ସଂପାଦକ ମନୋରଂଜନ ପାଣି ସଂଘର ବାର୍ଷିକ ବିବରଣୀ ଓ ଆଭିମୁଖ୍ୟ ସଂପର୍କରେ ଅବଗତ କରାଇଥିଲେ । କାର୍ଯ୍ୟକ୍ରମରେ ସାମ୍ବାଦିକତାରେ ଉଲ୍ଲେଖନୀୟ ଅବଦାନ ପାଇଁ ଜିଲ୍ଲାରୁ ୨୦ଜଣ ସାମ୍ବାଦିକଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ସଂଘର ଉପସଭାପତି ଗୋପାଳ ନାଥ ଧନ୍ୟବାଦ ପ୍ରଦାନ କରିଥିଲେ ।

## କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘ ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଏକ ୧୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଅଧିକାରୀଙ୍କ ମନୋମୁଖି ଏବଂ ବେଆଇନ କାର୍ଯ୍ୟକଳାପ ଯୋଗୁଁ କେନ୍ଦ୍ରାପଡା ଜିଲ୍ଲାର ନିର୍ମାଣ ଶ୍ରମିକମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ନିଷ୍ପେସିତ ହେଉଛନ୍ତି । ଏଭଳି କାର୍ଯ୍ୟକୁ ବନ୍ଦ କରାଯିବା ସହ ମହିଳା ନିର୍ମାଣ ଶ୍ରମିକଙ୍କୁ ପଞ୍ଜିକରଣ କରାଯିବା, ବିନା କାରଣରେ ବନ୍ଦ ରଖାଯାଇଥିବା ପଞ୍ଜିକରଣ ଆବେଦନପତ୍ରକୁ ଗ୍ରହଣ କରାଯାଇ ତୁରନ୍ତ ପରିଚୟପତ୍ର ପ୍ରଦାନ କରାଯିବା, ୧୫ଶହ ଟଙ୍କା କୋଭିଡ ସହାୟତା ପାଇନଥିବା ନିର୍ମାଣ ଶ୍ରମିକଙ୍କୁ ତୁରନ୍ତ ପ୍ରଦାନ କରାଯିବା, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ଝିଅ ବିବାହ ସହାୟତା ପାଇଁ ପଡିରହିଥିବା ଆବେଦନପତ୍ରଗୁଡ଼ିକୁ ତୁରନ୍ତ ମଞ୍ଜୁର କରାଯାଇ ସହାୟତା ପ୍ରଦାନ କରାଯିବା, ନିରପେକ୍ଷ ଭାବରେ ସମସ୍ତ ଆବେଦନକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ୬୦ଦିନ ମଧ୍ୟରେ ପ୍ରଦାନ କରାଯିବା, ୪ବର୍ଷ ଧରି ପଡି ରହିଥିବା ମଞ୍ଜୁରୀପ୍ରାପ୍ତ ଅନୁଦାନ ତୁରନ୍ତ ପ୍ରଦାନ କରାଯିବା, ସାଇକେଲ ଓ ଯନ୍ତ୍ରପାତି ନିମନ୍ତେ ୩ବର୍ଷ ଧରି ପଡି ରହିଥିବା ଆବେଦନପତ୍ରକୁ ତୁରନ୍ତ ମଞ୍ଜୁର କରାଯିବା, ମୃତ୍ୟୁକାଳୀନ ସହାୟତା ୫ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ଝିଅ ବିବାହ ସହାୟତା ଏକଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବା, ପ୍ରତ୍ୟେକ ସରକାରୀ ପ୍ରକଳ୍ପର ଉଦଘାଟନ ଫଳକରେ ମୁଖ୍ୟ ନିର୍ମାଣ ଶ୍ରମିକର ନାମ ଲେଖାଯିବା, ନିର୍ମାଣ ଶ୍ରମିକଙ୍କୁ ବାସଗୃହ ଯୋଜନା ଏବଂ ସ୍ୱାସ୍ଥ୍ୟସେବା ଯୋଜନାରେ ସହାୟତା ପ୍ରଦାନ, ଲକଡାଉନ ସମୟରେ ପ୍ରଦାନ କରାଯାଇଥିବା ୨ହଜାରରୁ ଉର୍ଦ୍ଧ୍ୱ ଅଣସଂଗଠିତ ଶ୍ରମିକ ପରିଚୟପତ୍ର ପ୍ରଦାନର ନିରପେକ୍ଷ ତଦନ୍ତ କରାଯିବା, ଜିଲ୍ଲା ଶ୍ରମ କାର୍ଯ୍ୟାଳୟରେ ଶ୍ରମିକ ସଂଗଠନ, ଶ୍ରମିକମାନଙ୍କୁ ଆଶ୍ରୟ, ମହିଳା ଶ୍ରମିକମାନଙ୍କ ପାଇଁ ଶୌଚାଳୟ ବ୍ୟବସ୍ଥା ଏବଂ ପାନୀୟ ଜଳ ବ୍ୟବସ୍ଥା କରାଯିବା ପ୍ରଭୃତି ଦାବି ରହିଛି । ଏସବୁ ଦାବି ଗୁଡିକ ପୂରଣ ନହେଲେ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ପ୍ରଶାସନକୁ ଚେତାବନୀ ଦେଇଛି ସଙ୍ଘ । କେନ୍ଦ୍ରାପଡା ଜିଲ୍ଲା ନିର୍ମାଣ ଶ୍ରମିକ ସଙ୍ଘ ସାଧାରଣ ସମ୍ପାଦକ ଅଶୋକ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

## ପୂର୍ବତନ ବିଧାୟକ ଶ୍ରୀ ଉମେଶ ସ୍ୱାଇଁଙ୍କ ବିୟୋଗରେ ପିସିସି ସଭାପତିଙ୍କ ଶୋକ

ଭୁବନେଶ୍ୱର (ପିଏନ୍)- ପୂର୍ବତନ ବିଧାୟକ ଶ୍ରୀ ଉମେଶ ସ୍ୱାଇଁଙ୍କ ବିୟୋଗରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଂଜନ ପଟ୍ଟନାୟକ ଗଭୀର ଶୋକପ୍ରକାଶ କରିଛନ୍ତି । ଏକ ଶୋକବାର୍ତାରେ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଉମେଶବାବୁଙ୍କ ସହ ମୋର ବ୍ୟକ୍ତିଗତ ସଂପର୍କ ଥିଲା । ସେ ଓଡ଼ିଶା ରାଜନୀତିରେ ଜଣେ ଟାଣୁଆ ଓ ସଂଗ୍ରାମୀ ନେତା ଥିଲେ । ବାଲିକୁଦା ନିର୍ବାଚନ ମଣ୍ଡଳୀରୁ ଚାରିଥର ନିର୍ବାଚିତ ହେବା ତାଙ୍କ ଲୋକପ୍ରିୟତାର ପରିଚୟ ଦିଏ । ବିଧାୟକ ଭାବରେ ସେ ନିଜ ଅଂଚଳର ବହୁ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି । ଜଣେ ମିଷ୍ଟଭାଷୀ, ଦରଦୀ ବନ୍ଧୁ ଓ ପରୋପକାରୀ ବ୍ୟକ୍ତି ଭାବରେ ତାଙ୍କର ସ୍ୱତନ୍ତ୍ରତା ଥିଲା । ସ୍ୱର୍ଗତଃ ଆତ୍ମାର ସଦ୍‌ଗତି କାମନା କରିବା ସଂଗେ ସଂଗେ ଶ୍ରୀ ପଟ୍ଟନାୟକ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି ।

## ଓଡିଶା ପ୍ରଗତି ଦଳ କେନ୍ଦ୍ରାପଡା ଜିଲ୍ଲାରେ ସବୁ ଜିଲ୍ଲାପରିଷଦ ଓ ପୌର ନିର୍ବାଚନରେ ଭାଗ ନେବ

କେନ୍ଦ୍ରାପଡ଼ା (ପିଏନ୍): ଓଡିଶା ପ୍ରଗତି ଦଳ ମଧୁବାବୁଙ୍କର ବିଚାରକୁ ପାଥେୟ କରି ସାରା ଓଡିଶାରେ ନିର୍ବାଚନରେ ଭାଗନେବା ପାଇଁ ନିଷ୍ପତି ନେଇସାରିଥିବାବେଳେ ସେହିପରି କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ଜିଲ୍ଲାର ସମସ୍ତ ଜିଲ୍ଲାପରିଷଦ, ପୌରପରିଷଦ ଓ ବିଜ୍ଞପିତ ପରିଷଦରେ ପାର୍ଥୀ ଦେବା ସହିତ ଏକାକୀ ଲଢିବ । କୌଣସି ଦଳ ସହିତ ସାଲିସ୍ କରିବାର କୌଣସି ଯୋଜନା ନାହିଁ । ଦଳ ୧୦ଟି ମୁଦ୍ଦାକୁ ନେଇ ଯଥା ସମସ୍ତ ନାଗରିକଙ୍କୁ ୬୦ବର୍ଷ ପରେ ୫ ହଜାର ଟଙ୍କା ମାସିକ କପୁଲ୍ ପେନସନ, ମହିଳାମାନଙ୍କୁ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣା ବିଜୁଳି, ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ୫୦ ହଜାର ପର୍ଯ୍ୟନ୍ତ ଲୋନ୍ ଛାଡ, ଶହୀଦ ବାଜିରାଉତ କୃଷକ ଯୋଜନା ମାଧ୍ୟମରେ କୃଷିକୁ ବୈଷୟିକ ଶିକ୍ଷା ମାଧ୍ୟମରେ ଉନ୍ନତ କରିବା, ପ୍ରତ୍ୟେକ ଚାଷୀଙ୍କୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଛାଡ, ମଧୁବାବୁ ବିଶ୍ୱବିଦ୍ୟାଳୟ ଜରିଆରେ ସମସ୍ତଙ୍କୁ ଶିକ୍ଷା ଓ ସ୍ୱାସ୍ଥ୍ୟ ମାଗଣା, ଆୟବର୍ହିଭୂତ ସମ୍ପତ୍ତିକୁ ଜବତ କରି ସେହି ପୁଞ୍ଜିକୁ ବୃକ୍ଷରୋପଣ ସହିତ ଓଡିଶାର ସୌନ୍ଦର୍ଯ୍ୟକରଣରେ ବିନିଯୋଗ କରାଯିବ, ମୋବାଇଲ୍ ଆପ୍ ଜରିଆରେ ସମସ୍ତ ନାଗରିକଙ୍କୁ ସରକାରୀ କାର୍ଯ୍ୟାଳୟ ନଯାଇ ତ୍ୱରିତ ସେବା ଯୋଗାଇବା ପାଇଁ ପଦକ୍ଷେପ ନିଆଯିବ, ୫୦ଲକ୍ଷ ବେକାର ଯୁବକ/ଯୁବତୀଙ୍କୁ ପରୋକ୍ଷ ଓ ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯିବ, ଓଡିଶା ବିଧାନସଭାରେ ଜଣେ ମହିଳାଙ୍କୁ ବାଚସ୍ପତି କରାଯିବ । ସେହିପରି ତ୍ରିସ୍ତରୀୟ ପଞ୍ଚାୟତକୁ ଲୋକମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଆଇନ୍ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସହିତ ପୌରପରିଷଦ ଓ ବିଜ୍ଞପିତ ପରିଷଦରେ ଲୋକମାନେ କିପରି ନିଜେ ସହଭାଗିତା ହୋଇ ନିଜେ ଅସୁବିଧା ଦୂର କରିବା ସହିତ ଦୂରବସ୍ଥାରେ ସାମିଲ ହୋଇ ନିଜର ପ୍ରଗତି କରିବା ସହିତ ପୌରପରିଷଦ ସର୍ବାଙ୍ଗୀନ ପ୍ରଗତି ପାଇଁ ଯୋଜନା ତଥା ଖସଡା ପ୍ରସ୍ତୁତ କରି ଓଡିଶାକୁ ସୁନାର ଓଡିଶା ଗଢିବାର ପ୍ରୟାସ କରାଯିବ ବୋଲି ଦୃଢୋକ୍ତି ପ୍ରକାଶ କରି ଦଳର ରାଜ୍ୟ ଛାତ୍ର ସଭାପତି ସୁନିଲ କୁମାର ମହାପାତ୍ର ଏକ ପ୍ରେସ୍ ବିବୃତିରେ କହିଛନ୍ତି ।

## ଡାକ୍ତର କସ୍ତୁରୀ ଦାସଙ୍କ ସ୍ମୃତିଚାରଣ ସଭା



ଫୁଲନଖରା (ପିଏନ୍)-ବିଶିଷ୍ଟ ସ୍ତ୍ରୀ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର କସ୍ତୁରୀ ଦାସଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ କଟକ ସଦର ଥାନା ଅନ୍ତର୍ଗତ ମହାଧରପଡ଼ାସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିର ପରିସରରେ ପାଳନ ହୋଇଥିଲା । ସମାଜସେବୀ ଲଳିତକୁମାର ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସ୍ୱର୍ଣ୍ଣପଦକପ୍ରାପ୍ତ ଡାକ୍ତର ସତ୍ୟଜିତ ମହାପାତ୍ର, ଇଭା ମହାପାତ୍ର, କଲ୍ୟାଣ ମହାପାତ୍ର, ବିମଳକିଶୋର ମହାପାତ୍ର, ଛନ୍ଦାଚରଣ ମହାପାତ୍ର, କିଶୋର ମହାପାତ୍ର, ନରେଶଚନ୍ଦ୍ର ବାରିକ, ବରଦାପ୍ରସାଦ ବେଉରା, ଅଜୟ କୁମାର ବେଉରା, ଲକ୍ଷ୍ମୀଧର ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତଃ ଦାସଙ୍କ ସ୍ମୃତିଚାରଣ କରିଥିଲେ ।

## ମାନସିକ ଭିନ୍ନକ୍ଷମ ପରିବାର ଉପରେ ମରଣାନ୍ତକ ଆକ୍ରମଣ ଓ ଲୁଟ

କେନ୍ଦ୍ରାପଡ଼ା (ପିଏନ୍): ଏକ ମାନସିକ ଭିନ୍ନକ୍ଷମ ପରିବାରର ମୁଖ୍ୟଙ୍କ ଉପରେ କେତେକ ଦୁର୍ବୃତ୍ତ ମରଣାନ୍ତକ ଆକ୍ରମଣ କରିବା ସହ ଘରୁ ଧନସମ୍ପତ୍ତି ଲୁଟ କରିନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ଥାନା ଅନ୍ତର୍ଗତ ଯଶୁଆପଲ୍ଲୀ (ବାଲିସାହି) ଗ୍ରାମର ଗୋପକୃଷ୍ଣ ରାଉତଙ୍କ ପୁଅ ଯଶୋବନ୍ତ ରାଉତଙ୍କ ପତ୍ନୀ ଏବଂ ପୁଅ ଉଭୟ ମାନସିକ ଭିନ୍ନକ୍ଷମ ଅଟନ୍ତି । କେତେକ ଦୁର୍ବୃତ୍ତଯଶୋବନ୍ତଙ୍କ କୋଠାଘରକୁ ଭାଙ୍ଗିଦେବାରୁ ସେ ଏହାର ପ୍ରତିବାଦ କରନ୍ତେ ସେମାନେ ଯଶୋବନ୍ତଙ୍କ ବେକରେ ଭୁଜାଲି ଲଗାଇ ମାରିଦେବାକୁ ଧମକ ଦେବା ସହ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ଯଶୋବନ୍ତ ମହାକାଳପଡା ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନକରିବାରୁ ଦୁର୍ବୃତ୍ତମାନେ ପୁନର୍ବାର ଯଶୋବନ୍ତଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ସେ ଅଭିଯୋଗ କରିଛନ୍ତି । ଯଶୋବନ୍ତଙ୍କୁ ମାରଧର କରି ତାଙ୍କ ଘରେ ଥିବା ଧନସମ୍ପତ୍ତି ସମେତ ବିଭିନ୍ନ ଦରକାରୀ କାଗଜପତ୍ର ଦୁର୍ବୃତ୍ତମାନେ ଲୁଟ କରି ନେଇଥିବା ସମ୍ପର୍କରେ ସେ ଗତ ଜୁନମାସ ୨୦ତାରିଖରେ ମଧ ମହାକାଳପଡା ଥାନାରେ ଅଭିଯୋଗ କରିଥିଲେ । କିନ୍ତୁ ପୋଲିସର ଉଦାସୀନତା ଯୋଗୁଁ ସେହି ଦୁର୍ବୃତ୍ତମାନେ ପୁନର୍ବାର ଯଶୋବନ୍ତଙ୍କୁ ମରଣାନ୍ତକ ଆକ୍ରମଣ କରି ତାଙ୍କଠାରୁ ଏକ ସାଧା କାଗଜରେ ଦସ୍ତଖତ କରେଇ ନେଇଥିବା ଯଶୋବନ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

## ସମବାୟ ସମିତିଗୁଡିକରେ ନୂତନ ନିଯୁକ୍ତି ସମ୍ପର୍କରେ ତଥ୍ୟ ପ୍ରଦାନରେ ବିଳମ୍ବ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି ଗୁଡିକରେ ଗତ ୬ବର୍ଷ ୬ମାସ ମଧରେ ହୋଇଥିବା ନୂତନ ନିଯୁକ୍ତି ଓ ପୁନଃ ନିଯୁକ୍ତି ସମ୍ପର୍କରେ ସୂଚନା ଅଧିକାର ନିୟମରେ ତଥ୍ୟ ପ୍ରଦାନ ପାଇଁ ଏହି ଜିଲ୍ଲାର ଆଳି ଥାନା ଅନ୍ତର୍ଗତ ମହୁ ଗ୍ରାମର ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ କେନ୍ଦ୍ରାପଡା ସମବାୟ ସମତି ସମୂହର ସହକାରୀ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଗତ ଜୁନମାସ ୫ତାରିଖରେ ଆବେଦନ କରିଥିଲେ । ଆବେଦନର ଏକମାସ ପରେବି ତଥ୍ୟ ପ୍ରଦାନ କରାନଯିବାରୁ ଦୁଷ୍ମନ୍ତ ସମବାୟ ସମିତି ସମୂହର ସହକାରୀ ନିବନ୍ଧକଙ୍କ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଗତ ଜୁଲାଇମାସ ୧୩ତାରିଖରେ ଆବେଦନ କରିଥିଲେବି ଅଦ୍ୟାବଧି ତାଙ୍କୁ କୌଣସି ତଥ୍ୟ ମିଳିନଥିବା ସେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଶ୍ରୀ ଆଚାର୍ଯ୍ୟ କହିଛନ୍ତି ତଥ୍ୟ ପ୍ରଦାନ କରାନଯିବା ଦ୍ୱାରା ପ୍ରତିତ ହେଉଛି ଯେ ସମବାୟ ସମିତିଗୁଡିକରେ ହୋଇଥିବା ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଛି । ତେଣୁ ତଥ୍ୟ ପ୍ରଦାନ କରାନଯାଇ ସେହି ଅନିୟମିତତାକୁ ଘଣ୍ଟଘୋଡାଯାଉଛି ବୋଲି ସେ ଅଭିଯୋଗ କରିଛନ୍ତି ।

## ଦୁର୍ଦ୍ଦିନରେ ବିଳା ଟାୟାର୍ସ ଶ୍ରମିକଙ୍କ ପରିବାର

ବାଲେଶ୍ୱର (ପିଏନ୍)-ପରିଚାଳନାଗତ ଅବ୍ୟବସ୍ଥା କାରଣରୁ ବାଲେଶ୍ୱର ଜିଲ୍ଲାର ବୃହତ ଶିଳ୍ପ କୁହାଯାଉଥିବା ବିର୍ଲା ଟାୟାର୍ସ ଗତ ଦୁଇବର୍ଷ ହେଲା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରୁ ନାହିଁ । ଏଥିରେ କାମ କରୁଥିବା ଶତାଧିକ ଶ୍ରମିକ ଓ କର୍ମଚାରୀଙ୍କ ପରିବାର ହାହୁତାଶ ମଧରେ ଗତି କରୁଛନ୍ତି । କାରଖାନାର କେତେକ ଶ୍ରମିକ ପରିବାର ପ୍ରତିପୋଷଣ ଚିନ୍ତାରେ ଜୀବନ ହରାଇ ସାରିଲେଣି । ଏହି ପରିସ୍ଥିତିରେ ବିର୍ଲା ଟାୟାର୍ସର ଏକ ଶ୍ରମିକ ସମାବେଶ ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଅଧକ୍ଷତାରେ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ବିର୍ଲା ଟାୟାର୍ସ କର୍ତ୍ତୃପକ୍ଷ ଜାଣିଶୁଣି ହଜାର ହଜାର ଶ୍ରମିକଙ୍କୁ ଭୋକ ଓପାସରେ ରଖୁଛନ୍ତି । ରାଜ୍ୟ ସରକାର ସର୍ବଦା ବନ୍ଦ ଥିବା ଶିଳ୍ପାନୁଷ୍ଠାନଗୁଡ଼ିକୁ ଚଳାଇବା ପାଇଁ ଉଦ୍ୟମ କରୁଥିଲେ ମଧ ବିର୍ଲା କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି । ଆଗାମୀ ଦିନରେ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ କରି ବନ୍ଦଥିବା ଶିଳ୍ପାନୁଷ୍ଠାନଗୁଡ଼ିକ କାର୍ଯ୍ୟକ୍ଷମ କରାଯିବା ନେଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ । ଏହି ସଭାରେ ବିର୍ଲା ଟାୟାର୍ସର ସମସ୍ତ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାଙ୍କ ସହ ୫ସହରୁ ଉର୍ଦ୍ଧ୍ୱ କର୍ମଚାରୀ ଯୋଗ ଦେଇଥିଲେ ।

# ପଞ୍ଚାୟତିରାଜ ବ୍ୟବସ୍ଥାରେ ମନମାନୀ

କେନ୍ଦ୍ରାପଡ଼ା (ପିଏନ୍): ଗ୍ରାମାଞ୍ଚଳ ର ବିକାଶ ସଶକ୍ତ ପଞ୍ଚାୟତିରାଜ ବ୍ୟବସ୍ଥା ଉପରେ ନିର୍ଭରଶୀଳ । ସେଥିପାଇଁ କ୍ଷମତାର ବିକେନ୍ଦ୍ରୀକରଣ ସହିତ ନିର୍ବାଚିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆର୍ଥିକ ଅନୁଦାନ ଯୋଗାଇ ଦେଇ ସଶକ୍ତ କରିବାକୁ ସରକାର ୭୩ ଓ ୭୪ତମ ସମ୍ବିଧାନ ସଂଶୋଧନ ଅନୁଯାଇ ରାଜ୍ୟ ଅର୍ଥ ଆୟୋଗ ଗଠନ କରିଥିଲେ । ସେହି ଆୟୋଗ ପ୍ରତି ୫ବର୍ଷରେ ପୁନର୍ଗଠିତ ହୋଇ ଆସିବା ସହ ସମ୍ପ୍ରତି ୫ମ ରାଜ୍ୟ ଅର୍ଥ ଆୟୋଗ ଏଥିପାଇଁ କାର୍ଯ୍ୟ କରୁଛି । ସେହିପରି ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ୧୦ମ କେନ୍ଦ୍ର ଅର୍ଥ ଆୟୋଗ ଠାରୁ ସାମ୍ପ୍ରତିକ ୧୫ତମ କେନ୍ଦ୍ର ଅର୍ଥ ଆୟୋଗ ତ୍ରି ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନକୁ ଅର୍ଥଯୋଗାଇ ଦେଉଛନ୍ତି । ଯାହା ତ୍ରିସ୍ତରୀୟ ବ୍ୟବସ୍ଥା ରେ ନିର୍ବାଚିତ ଜନପ୍ରତିନିଧିମାନଙ୍କ ପ୍ରସ୍ତାବ ଓ ଅନୁମୋଦନ ଅନୁଯାୟୀ ବିନିଯୋଗ ହେବାକଥା । କିନ୍ତୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି । ସମ୍ପୃକ୍ତ ପ୍ରଶାସନିକ ପଦାଧିକାରୀ ଜିଲ୍ଲାର କେଉଁ ଅଦୃଶ୍ୟ ଶକ୍ତିଙ୍କୁ ସନ୍ତୁଷ୍ଟ କରି ସେମାନଙ୍କ ଗୁଡ୍ ବୁକ୍‌ରେ ରହିବା ପାଇଁ ସବୁ ବିଧି ବ୍ୟବସ୍ଥାକୁ ଦଳି ମକଚି ଦେଇ କାହାର ଗୁପ୍ତ ଚିଠାରେ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଇବା ସହ ଏହାକୁ ଅନୁମୋଦନ କରାଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ନିର୍ବାଚିତ ପ୍ରତିନିଧିଙ୍କ କ୍ଷମତାକୁ ସଙ୍କୁଚିତ କରିଦେଇଛନ୍ତି । ଜିଲ୍ଲା ପ୍ରଶାସନ ଉଭୟ କେନ୍ଦ୍ର ଓ ରାଜ୍ୟ ଅର୍ଥ ଆୟୋଗଙ୍କ ଅନୁଦାନକୁ ଏଭଳି ବେଆଇନ ଭାବେ ବିନିଯୋଗ କରାଇବା ସହ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପ୍ରହସନରେ ପରିଣତ କରିଥିବାବେଳେ ବିପୁଳ ଅର୍ଥ ଖର୍ଚ୍ଚ କରି ପ୍ରତି ୫ବର୍ଷରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ କରାଇବାର କ’ଣ ଆବଶ୍ୟକତା ରହିଛି ବୋଲି ପ୍ରଶ୍ନ ଉଠିଛି । ଗ୍ରାମାଞ୍ଚଳ ର ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ୧୫ତମ କେନ୍ଦ୍ର ଅର୍ଥ ଆୟୋଗ ନିର୍ବାଚିତ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନକୁ ୨୦୨୧-୨୨ଆର୍ଥିକ ବର୍ଷରୁ ୨୦୨୫-୨୬ ଆର୍ଥୀକ ବର୍ଷ ଯାଏ ଅର୍ଥିକ ଅନୁଦାନର ବ୍ୟବସ୍ଥା କରିଛନ୍ତି । ଟାଏଡ୍ ଓ ଅନଟାଏଡ୍ ଫଣ୍ଡ ସହିତ ହେଲ୍‌ଥ ଗ୍ରାଣ୍ଟ ଏବଂ ଗ୍ରାଣ୍ଟ -ଇନ୍-ଏଡ୍ ଆକାରରେ ବର୍ଷଦ୍ୱାରୀ କେନ୍ଦ୍ର ସରକାର ଏହି ଅର୍ଥ ଯୋଗାଇ ଦେଉଛନ୍ତି । ସେହିପରି ୫ମ ରାଜ୍ୟ ଅର୍ଥ ଆୟୋଗ ଅନୁରୂପ ଭାବେ ୫ବର୍ଷ ପାଇଁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକୁ ଡ଼ିଭୋଲେସନ ଫଣ୍ଡ ଆକାରରେ ଅର୍ଥ ଯୋଗାଇ ଦେବାକୁ ସୁପାରିଶ କରିଛନ୍ତି । ଏଥିସହିତ କେବଳ ଜିଲ୍ଲା ପରିଷଦଗୁଡ଼ିକୁ ଅତିରିକ୍ତ ଭାବେ ମୋଟର ଭେହିକିଲ ଟ୍ୟାକ୍ସ ଫଣ୍ଡ ବାବଦରେ ଅର୍ଥ ପ୍ରଦାନର ବ୍ୟବସ୍ଥା କରାଯାଇଛି । କିନ୍ତୁ ଦୁଃଖର କଥା କେନ୍ଦ୍ରାପଡ଼ା ଜିଲ୍ଲାରେ ଜିଲ୍ଲା ପ୍ରଶାସନ ପ୍ରଥମେ ଜିଲ୍ଲା ପରିଷଦକୁ ଉପେକ୍ଷା କରି ୩ବର୍ଷର ମୋଟର ଭେହିକିଲ ଟ୍ୟାକ୍ସ ଫଣ୍ଡ ବିନିଯୋଗ ପାଇଁ କେଉଁ ଅଦୃଶ୍ୟ ଶକ୍ତି ଦ୍ୱାରା ପ୍ରଭାବିତ ହୋଇ ପ୍ରକଳ୍ପ ଚୟନ ଓ ଅନୁମୋଦନ କରାଇଦେଇଥିଲେ । ଏହାପରେ ଗ୍ରାଣ୍ଟ-ଇନ୍-ଏଡ୍ କୁ ଅନୁରୂପ ଭାବେ ବିନିଯୋଗ ପାଇଁ ପ୍ରଶାସନ ନିର୍ବାଚିତ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅନ୍ଧାରରେ ରଖି ପଦକ୍ଷେପ ନେଇଥିଲେ । ଯାହାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଜିଲ୍ଲାର ୧୦ଜଣ ଜିଲ୍ଲା ପରିଷଦ ସଦସ୍ୟ ଏହାର ପ୍ରତିବାଦ କରିବା ସହ ପଞ୍ଚାୟତିରାଜ ବ୍ୟବସ୍ଥାର ମର୍ଯ୍ୟାଦା ଦାବିରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟ ସମ୍ମୁଖରେ ଅନଶନ କରିଥିଲେ । ଜିଲ୍ଲାପାଳ ଓ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ସେମାନଙ୍କ ସହିତ ଆଲୋଚନା କରି ପ୍ରଥମେ ଅସହାୟତା ପ୍ରକାଶ କରିଥିଲେ ମଧ୍ୟ ପରେ ଏଥିନେଇ ପରିବର୍ତ୍ତିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ଏହାର କୌଣସି ସୁଫଳ ନମିଳିବାରୁ ପରବର୍ତ୍ତି ଜିଲ୍ଲାପରିଷଦ ବୈଠକରେ ସମସ୍ତ ସଭ୍ୟ ଏଥିନେଇ ହାଙ୍ଗାମା କରିବାରୁ ପ୍ରଶାସନିକ ଅଧିକାରୀ ତ୍ରୁଟିକୁ ସ୍ୱୀକାର କରିବା ସହ ପ୍ରକଳ୍ପମାନ ଅନୁମୋଦନ ହୋଇ ସାରିଥିବାରୁ ସେହି ସବୁ ପ୍ରକଳ୍ପକୁ ବିଭିନ୍ନ ଅଞ୍ଚଳରେ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟଙ୍କ ପରାମର୍ଶ କ୍ରମେ କାର୍ଯ୍ୟକାରୀ କରାଇବାକୁ ବିଡ଼ିଓ ମାନଙ୍କୁ ଚିଠି ଲେଖିଥିଲେ । କିନ୍ତୁ ଜିଲ୍ଲା ପ୍ରଶାସନ ପୁଣି ସେହି ବେଆଇନ କାର୍ଯ୍ୟର ପୁନରାବୃତ୍ତି କରି ୧୫ତମ କେନ୍ଦ୍ର ଅର୍ଥ ଆୟୋଗଙ୍କ ହେଲ୍‌ଥ ଗ୍ରାଣ୍ଟ ରେ ମନମୁଖୀ ଭାବେ ପ୍ରକଳ୍ପ ଚୟନ କରିବା ସହ ଏହାକୁ ଅନୁମୋଦନ କରାଇବାକୁ ପଦକ୍ଷେପ ନେଇଛି । କେବଳ ଭାଷଣକୁ ଛାଡ଼ିଦେଲେ ପ୍ରକୃତପକ୍ଷେ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଗୁଡ଼ିକୁ ଗୁରୁତ୍ୱ ଦେଉନଥିବା ସାଂପ୍ରତିକ ରାଜ୍ୟ ସରକାର କାହାକୁ ସନ୍ତୁଷ୍ଟ କରିବା ପାଇଁ କେଜାଣି କାହିଁକି ଜିଲ୍ଲା ପରିଷଦକୁ ମଞ୍ଜୁର ଉକ୍ତ କେନ୍ଦ୍ରୀୟ ଅନୁଦାନକୁ ବିନିଯୋଗ ପାଇଁ ନିଜର ସ୍ୱତନ୍ତ୍ର ଗାଇଡ୍ ଲାଇନ୍ ପ୍ରସ୍ତୁତ କରି ପାଣି ଗୋଳିଆ କରିବା ସହ ପ୍ରଶାସନକୁ ଏହି ବେଆଇନ୍ କାର୍ଯ୍ୟ କରିବାକୁ ମଦତ୍ ଯୋଗାଇ ଦେଇଥିବା କୁହାଯାଉଛି । ନିର୍ବାଚିତ ତ୍ରିସ୍ତରୀୟ ପଞ୍ଚାୟତ ଅନୁଷ୍ଠାନ ଥିବା ସତ୍ତ୍ୱେ ଏହାକୁ ଉପେକ୍ଷା କରି ସରକାରୀ ଅର୍ଥ ବିନିଯୋଗ ପାଇଁ ଉଭୟ ସ୍ଥାନୀୟ ପ୍ରଶାସନ ଓ ସରକାରଙ୍କ ବ୍ୟାକୁଳତା ପଛରେ କ’ଣ ଉଦ୍ଦେଶ୍ୟ ରହିଛି ତାହା ରହସ୍ୟାବୃତ ହୋଇପଡ଼ିଛି । ସବୁଠାରୁ ଉଦ୍‌ବେଗର କଥା ଯେ, ଏହି ହେଲ୍‌ଥ ଗ୍ରାଣ୍ଟ ବିନିଯୋଗ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ୮ସଦସ୍ୟ ବିଶିଷ୍ଟ ଏକ ଜିଲ୍ଲାସ୍ତରୀୟ କମିଟି ଗଠନ କରିବାର ବ୍ୟବସ୍ଥା ଥିଲେ ମଧ୍ୟ ଏଠାରେ ନା’ କୌଣସି କମିଟି ଗଠନ ହୋଇଛି ନା’ କମିଟିର କୌଣସି ଅନୁମୋଦନ ନିଆଯାଇଛି ! ଏହାଦ୍ୱାରା କେବଳ ଯେ ବର୍ତ୍ତମାନର ଜିଲ୍ଲା ପରିଷଦକୁ ଉପେକ୍ଷା କରାଯାଇଛି ତାହା ନୁହେଁ, ଯେଉଁଭଳି ୫ବର୍ଷ ପାଇଁ ପ୍ରକଳ୍ପ ତାଲିକା ପ୍ରସ୍ତୁତ କରାଯାଇ ଅନୁମୋଦନ ନିମନ୍ତେ ପଦକ୍ଷେପ ନିଆଯାଇଛି ସେଥିରେ ଆଉ କିଛିଦିନ ପରେ ଆଗାମୀ ୫ବର୍ଷ ପାଇଁ ନିର୍ବାଚିତ ହେବାକୁ ଥିବା ଜିଲ୍ଲା ପରିଷଦର ମଧ୍ୟ ଅଧିକାରକୁ ଆଗୁଆ କ୍ଷୁର୍ଣ୍ଣ କରାଯାଉଛି ବୋଲି ଅଭିଯୋଗ ହୋଇଛି । ତେବେ ଏଥି ନେଇ ପ୍ରଶାସନିକ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୧, ଡିସେମ୍ବର ୦୯**

# ଦେଶ ଗରିବ ହୁଏ କାହିଁକି ?



ସାଧାରଣରେ ଗୋଟିଏ କଥା ସବୁବେଳେ ଆଲୋଚିତ ହୋଇଥାଏ । ତାହା ହେଲା ଦେଶ ଗରିବ ହୁଏ କାହିଁକି ? ଏ ସମ୍ପର୍କରେ ବିଭିନ୍ନ ସ୍ତରରେ ଭିନ୍ନ ଭିନ୍ନ ଆଲୋଚନା ହୋଇଥାଏ । ବିଭିନ୍ନ କାରଣ ମଧ ଖୋଜା ଯାଇଥାଏ । କିନ୍ତୁ ସଠିକ୍ ଉତ୍ତର ମିଳିପାରେ ନାହିଁ । ସାଧାରଣ ଅର୍ଥରେ କହିଲେ ଗରିବ ଏକ ସାମାଜିକ ଅବସ୍ଥାକୁ ବୁଝାଇଥାଏ, ଯେଉଁଠି ଲୋକମାନେ ସର୍ବନିମ୍ନ ମୌଳିକ ଆବଶ୍ୟକତାରୁ ବଞ୍ଚିତ ହୋଇଥାନ୍ତି । ଏହି ଦୃଷ୍ଟିରୁ ବିଚାର କଲେ ଭାରତ ଭଳି ବିକାଶମୁଖୀ ଦେଶମାନଙ୍କରେ ଦାରିଦ୍ର୍ୟର ଉତ୍କଟ ଅବସ୍ଥା ଦେଖାଦେଇଥାଏ । ଏହାର କାରଣ ସମ୍ପର୍କରେ ବୁଝାଇବାକୁ ଯାଇ ଅର୍ଥଶାସ୍ତ୍ରୀ ରାଗ୍ନର ନରକ୍ସେ କହିଛନ୍ତି- 'ଗୋଟିଏ ଦେଶ ଗରିବ କାରଣ ତାହା ଗରିବ' । ଅନ୍ୟଅର୍ଥରେ କହିଲେ ଗୋଟିଏ ଦେଶର ଦାରିଦ୍ର୍ୟର କାରଣ ହେଉଛି ସେ ଦେଶର ଦାରିଦ୍ର୍ୟ । ଏହିଦୃଷ୍ଟିରୁ ବିଚାର କଲେ ଦେଶର ଦାରିଦ୍ର୍ୟର କାରଣ ବହୁବିଧ । ଉଭୟ ଚାହିଦା ଓ ଯୋଗାଣ ପାର୍ଶ୍ୱରେ ସ୍ୱଳ୍ପ ମୁଣ୍ଡ ପିଛା ଆୟ, ସ୍ୱଳ୍ପ ଚାହିଦା, ସ୍ୱଳ୍ପ ସଂଚୟ, ସ୍ୱଳ୍ପ ନିବେଶ ଦାରିଦ୍ର୍ୟର କରାଳଚକ୍ର ସୃଷ୍ଟି କରୁଛି । ଏଥିପାଇଁ ସ୍ୱଳ୍ପ ଉତ୍ପାଦନ ସହିତ ମୁଣ୍ଡପିଛା ଆୟ ହ୍ରାସ ପାଉଛି । ପରିସଂଖ୍ୟାନ ଦୃଷ୍ଟିରୁ ଦେଖିଲେ ଆମ ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ରହିଥିବା ଲୋକଙ୍କ ସଂଖ୍ୟା ୧୯୯୩-୯୪ ମୋଟ ଜନସଂଖ୍ୟାର ୪୫.୩ ପ୍ରତିଶତ ଥିଲା, ଯାହା କି ୨୦୦୪-୦୫ ବେଳକୁ ୩୭.୨ ପ୍ରତିଶତକୁ ହ୍ରାସ ପାଇଥିଲା । ଗ୍ରାମାଞ୍ଚଳରେ ଦାରିଦ୍ର୍ୟର ଅନୁପାତ ସେହି ସମୟ ମଧ୍ୟରେ ୫୦.୧ପ୍ରତିଶରୁ ୪୧.୮ ପ୍ରତିଶତକୁ ହ୍ରାସ ପାଇଥିଲା । ସହରାଞ୍ଚଳରେ ଏହି ଅନୁପାତ ୧୯୯୩-୯୪ରୁ ୩୧.୮ ପ୍ରତିଶତକୁ ୨୦୦୪-୦୫ରେ ୨୫.୭ ପ୍ରତିଶତକୁ ହ୍ରାସ ପାଇଥିଲା । ୨୦୧୧-୧୨ ବେଳକୁ ଦେଶର ମୋଟ ଦାରିଦ୍ର୍ୟ ହାର ୨୧.୯ ପ୍ରତିଶତକୁ ହ୍ରାସ ପାଇଥିଲା । ସଂଖ୍ୟାନୁସାରେ ଏହି ସମୟରେ ଦ୍ରାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ୪୧ କୋଟିରୁ ୨୭ କୋଟିକୁ ହ୍ରାସ ପାଇଥିଲା । ତେବେ ଏହି ତଥ୍ୟ ସୁରେଶ ତେନ୍ଦୁଲକର କମିଟି ଆଧାରରେ ଦିଆଯାଇଛି । କିନ୍ତୁ ଶ୍ରୀ ରଙ୍ଗ ରାଜନଙ୍କ କମିଟି ରିପୋର୍ଟରେ ଦେଶର ଦାରିଦ୍ର୍ୟ ହାର ୨୯.୬ ପ୍ରତିଶତ ବୋଲି କଳନା କରାଯାଇଛି ।

ଏକ ଅନୁକୂଳ ପରିବେଶ ଜୀବନଧାରଣ ପାଇଁ ଅପରିହାର୍ଯ୍ୟ । ଜନସଂଖ୍ୟାର ବିସ୍ଫୋରଣ ପରିବେଶ ପାଇଁ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟିକରିଛି । ଦାରିଦ୍ର୍ୟ ନିୟନ୍ତ୍ରଣ ପାଇଁ କେତେକ ଫଳପ୍ରଦ ପଦକ୍ଷପ ନେବା ଜରୁରୀ ମନେହୁଏ । ନିବେଶ ନିଯୁକ୍ତି ସୁଯୋଗ ସୃଷ୍ଟି କରିଥାଏ । ଏହା ଲୋକମାନଙ୍କ ଆୟ ବୃଦ୍ଧି କରି ଦାରିଦ୍ର୍ୟ ହ୍ରାସ କରିବା ପାଇଁ ସହାୟକ ହୋଇଥାଏ । ଭାରତରେ ଘରୋଇ ସଞ୍ଚୟ ବୃଦ୍ଧି ଘରୋଇ ଆୟ ଉପରେ ନିର୍ଭର କରୁଥିବାରୁ ଏହା ଆମ ଦେଶ ପାଇଁ ଅସମ୍ଭବ ମନେହୁଏ । ତେଣୁ ଆମେ ପ୍ରଥମେ ବିଦେଶୀ ନିବେଶ ଉପରେ ନିର୍ଭର କରି ପରେ ଘରୋଇ ନିବେଶ ଓ ସଞ୍ଚୟ ବୃଦ୍ଧି ପାଇଁ ଯତ୍ନବାନ ହେବା ଆବଶ୍ୟକ । ପରିସଂଖ୍ୟାନରୁ ଜଣାଯାଏ, ସାରା ବିଶ୍ୱରେ ଏବେବି ୧.୩ ବିଲିୟନ ବା ୨୨ ପ୍ରତିଶତ ଲୋକ ଚରମ ଦାରିଦ୍ର୍ୟରେ ରହିଛନ୍ତି । ଚରମ ଦାରିଦ୍ର୍ୟ ରହିଥିବା ଦେଶ ମଧ୍ୟରେ ନାଇଜେରିଆରେ ୮୬.୯ ପ୍ରତିଶତ, କଙ୍ଗୋରେ ୬୦.୯ ପ୍ରତିଶତ ଲୋକ ଉତ୍କଟ ଦାରିଦ୍ର୍ୟରେ ରହିଥିବାର ଜଣାଯାଏ । ସେହିପରି କମ୍ ଦାରିଦ୍ର୍ୟ ଥିବା ଦେଶମାନଙ୍କ ମଧ୍ୟରେ କତାର, ମକାଓ, ସିଙ୍ଗାପୁର ଓ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଦେଶମାନେ ରହିଛନ୍ତି । ସେହିପରି ମୋଟ ଜାତୀୟ ଉତ୍ପାଦକୁ ହିସାବକୁ ନେଲେ ଆମ ଦେଶ ଭାରତର ସ୍ଥାନ ୧୨୪ରେ ରହିଛି । ସମ୍ପ୍ରତି ମହାମାରୀ କରୋନା ଯୋଗୁଁ ସାରା ବିଶ୍ୱର ଅର୍ଥନୀତି ଧ୍ୱସ୍ତବିଧ୍ୱସ୍ତ । ଶିଳ୍ପ ଜଗତ କୋମାରେ । କୃଷି କ୍ଷେତ୍ରରେ ଅଗ୍ରଗତି ସନ୍ତୋଷଜନକ ନୁହେଁ । ଅନ୍ୟାନ୍ୟ ଆନୁସଙ୍ଗିକ କ୍ଷେତ୍ରରେ ମଧ ସ୍ଥାଣୁତା । ଫଳରେ ବିଶ୍ୱ ସମେତ ଆମ ଦେଶରେ ନିଯୁକ୍ତି କ୍ଷେତ୍ରରେ ପ୍ରତିକୂଳ ପ୍ରଭାବ ପକାଇଛି । ଏଥିପାଇଁ ଦାରିଦ୍ର୍ୟ ହାର ମଧ ବଢିଛି । ଗରିବ ହଟାଅ ଆମ ଜାତୀୟ ସ୍ଲୋଗାନ ହୋଇଥିଲେ ମଧ ଦାରିଦ୍ର୍ୟ ଭାରତ ପାଇଁ ଏକ ଆହ୍ୱାନ ହୋଇରହିଛି । ଏହା ନିଶ୍ଚିତ ପରିତାପର ବିଷୟ । ଏପରିକି ଦ୍ୱାଦଶ ପଞ୍ଚବାର୍ଷିକ ଯୋଜନା ପରେବି ଏ କ୍ଷେତ୍ରରେ ଆମର ଅଗ୍ରଗତି ସନ୍ତୋଷଜନକ ହୋଇପାରିନାହିଁ । ଜନସଂଖ୍ୟା ବୃଦ୍ଧି ଏହାର ଏକ ପ୍ରମୁଖ କାରଣ । କୁହାଯାଏ, ବିକାଶ ପ୍ରକ୍ରିୟାରେ ମାନବ ସମ୍ବଳ ଏକ ଅବିଚ୍ଛେଦ୍ୟ ଅଙ୍ଗ । କିନ୍ତୁ ଭାରତରେ ଜନସଂଖ୍ୟା ବୃଦ୍ଧି ଆମ ପ୍ରଗତିପଥରେ ପ୍ରଧାନ ପ୍ରତିବନ୍ଧକ ଭାବେ ଉଭାହୋଇଛି । ଫଳରେ ଭାରତରେ ଯେତେ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି ହେଉଛି ତାର ମୂଳରେ ରହିଛି ଏହି ଜନସଂଖ୍ୟା ବିସ୍ଫୋରଣ । ଇତିମଧ୍ୟରେ ଭାରତର ଜାତୀୟ ଆୟ ୭ ଗୁଣ ବୃଦ୍ଧି ପାଇଥିବା ବେଳେ ମୁଣ୍ଡପିଛା ଆୟ ମାତ୍ର ୩ ଗୁଣ ବୃଦ୍ଧି ପାଇଛି । ଅର୍ଥଶାସ୍ତ୍ରୀ ମାଲଥସ୍‌ଙ୍କ ମତରେ ଏକ ଜନବହୁଳ ରାଷ୍ଟ୍ରରେ ଖାଦ୍ୟ ଯୋଗାଣ ଅପେକ୍ଷା ଜନସଂଖ୍ୟାର ବୃଦ୍ଧି ଅଧିକା ହୋଇଥାଏ । ଏହା ଉତ୍କଟ ଖାଦ୍ୟ ସମସ୍ୟା ସୃଷ୍ଟି କରିଥାଏ । ଏଥିସହିତ ଶ୍ରମଶକ୍ତିର ଯୋଗାଣ ଚାହିଦାଠାରୁ ଅଧିକା ହେଲେ ବେକାରୀ ସୃଷ୍ଟି ହୁଏ । ବେକାରୀ ସମସ୍ୟା ଭାରତୀୟ ଅର୍ଥନୀତିର ଚିରସହଚର ହୋଇରହିଛି । ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଉପଭୋଗ ଖର୍ଚ୍ଚ ବଢାଇଥାଏ । ଫଳରେ ସଞ୍ଚୟ କମିଯାଏ ଓ ପୁଞ୍ଜିଗଠନ ହ୍ରାସ ପାଏ ।

ପ୍ରାୟ ୬୦ ପ୍ରତିଶତ ଭାରତର କୃଷି ଉପରେ ନିର୍ଭରଶୀଳ । ନିମ୍ନ କୃଷି ଉତ୍ପାଦନଶୀଳତା ଗ୍ରାମାଞ୍ଚଳ ଦାରିଦ୍ର୍ୟତାର ମୁଖ୍ୟ କାରଣ । ତେଣୁ କୃଷିର ଦ୍ରୁତ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେବା ଆବଶ୍ୟକ । ଫଳରେ ଏହା ଗ୍ରାମାଞ୍ଚଳ ଆୟ ବୃଦ୍ଧି କରି ଦାରିଦ୍ର୍ୟ ଦୂର କରିବାର ସହାୟକ ହୋଇପାରିବ । ଏଥିସହିତ କୃଷି ଓ ଶିଳ୍ପ ପରସ୍ପର ନିର୍ଭରଶୀଳ । ଯେକୌଣସି ଗୋଟିକର ବିକାଶ, ଅନ୍ୟଟିର ବିକାଶ ପାଇଁ ପଥ ପରିଷ୍କାର କରିଥାଏ । ସେହିପରି କୃଷିଭିତ୍ତିକ ଶିଳ୍ପର ବିକାଶ ହେଲେ ଶିଳ୍ପ କ୍ଷେତ୍ରରେ ଅଧିକ ନିଯୁକ୍ତି ସୃଷ୍ଟି ହୋଇ ଦାରିଦ୍ର୍ୟ ହଟାଇପାରିବ । ଏଥିସହିତ ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ ରାଷ୍ଟ୍ରରୁ ବେକାରୀ ଦୂର କରିବା ପାଇଁ ସହାୟକ ପ୍ରଦାନ କରେ । ଉତ୍ପାଦନ କୌଶଳ ଦୁଇ ପ୍ରକାର: ଯଥା: ଶ୍ରମ ପ୍ରଦାନ କୌଶଳ ଓ ପୁଞ୍ଜି ପ୍ରଦାନ କୌଶଳ । ଭାରତ ଭଳି ଜନବହୁଳ ଦେଶରେ ଶ୍ରମପ୍ରଦାନ କୌଶଳକୁ ବ୍ୟବହାର କରିବା ଉଚିତ । କାରଣ ଦାରିଦ୍ର୍ୟ ନିରାକାରଣ ପାଇଁ ଗଣନିଯୁକ୍ତିର ଯଥେଷ୍ଟ ଆବଶ୍ୟକତା ରହିଛି ।ଉଏତଦ୍‌ବ୍ୟତୀତ ଆଉ କେତେକ ପଦକ୍ଷପ ନେବା ଜରୁରୀ ମନେହୁଏ । ସେଗୁଡିକ ହେଲା - (କ) ନିମ୍ନ ଆୟକାରୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ଦ୍ରବ୍ୟ ଉପରେ ସରକାର କମ୍ ଟିକସ ବସାଇବା ଆବଶ୍ୟକ । ଏହା ସେମାନଙ୍କର ଉପଭୋଗ କ୍ଷମତା ବୃଦ୍ଧି କରିପାରିବ ଏବଂ ସେମାନଙ୍କୁ ଦାରିଦ୍ର୍ୟର ସୀମାରେଖା ଉପରକୁ ଆଣିପାରିବ । (ଖ) ଦରିଦ୍ରମାନଙ୍କୁ ସରାକାରୀ ବଣ୍ଟନ ବ୍ୟବସ୍ଥା ମାଧ୍ୟମରେ ଅତ୍ୟାବଶ୍ୟକ ଦ୍ରବ୍ୟ ରାହାତି ମୂଲ୍ୟରେ ଯୋଗାଇଦେବା ଉଚିତ୍ । (ଗ) ଆଇନ୍ ଦ୍ୱାରା ସରକାର ସମସ୍ତଙ୍କ ପାଇଁ ନ୍ୟାୟୋଚିତ ମଜୁରୀ ବ୍ୟବସ୍ଥା କରିବା ଉଚିତ୍ । (ଘ) ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇଦେବା ଉଚିତ୍ । (ଙ) ପ୍ରତ୍ୟେକ ଦରିଦ୍ର ପରିବାରର ଅତିକମ୍‌ରେ ଜଣକୁ ନିଯୁକ୍ତି ଦେବା ଜରୁରୀ ।

ଦାରିଦ୍ର୍ୟ ଉଭୟ ସମାଜ ଓ ଅର୍ଥବ୍ୟବସ୍ଥା ପାଇଁ ଏକ ଅଭିଶାପ । ଏହା ବିଭିନ୍ନ ସାମାଜିକ ଓ ଅର୍ଥନୈତିକ ସମସ୍ୟା ସୃଷ୍ଟି କରିଥାଏ । ବିଶ୍ୱସ୍ତରରୁ ଆରମ୍ଭ କରି ଆମ ଦେଶ ତଥା ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଅନେକ ଯୋଜନା କରାଯାଇଛି ଓ କରାଯାଉଛି ମଧ । କିନ୍ତୁ ସେଗୁଡିକର ସଫଳତା ଉତ୍ସାହଜନକ ନୁହେଁ । ତେଣୁ ଦାରିଦ୍ର୍ୟର ଆଶୁ ନିରାକରଣ ପାଇଁ ଅଧିକ ନିବେଶ, କୃଷିର ବିକାଶ, ଯୁକ୍ତିଯୁକ୍ତ ଉତ୍ପାଦନ କୌଶଳ, ଦରଦାମ୍‌ର ସ୍ଥିରତା, ଅସମାନତା ହ୍ରାସ, ଜନସଂଖ୍ୟା ନିୟନ୍ତ୍ରଣ ଓ ସର୍ବୋପରି କ୍ଷୁଦ୍ରଶିଳ୍ପ ଓ କୁଟୀର ଶିଳ୍ପ ବିକାଶ ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଉଚିତ । ତାହା ନହେଲେ ଦାରିଦ୍ର୍ୟ ଆମ ପାଇଁ ଚିରସହଚର ହୋଇ ରହିଯିବ !

**ହିମାଂଶୁଶେଖର ଆଚାର୍ଯ୍ୟ**, ସଭାପତି, ସାରସ୍ୱତ ପରିଷଦ, ଜଗତସିଂହପୁର, ମୋ-୯୯୩୭୧୫୧୦୫୨

# ଓଡିଆ ସାହିତ୍ୟ ଆଜି ଅସୁସ୍ଥ

••••••••••••ମାୟାଧର ନାୟକ••••••••••••

ବୈଦିକ ସମାଜରୁ ବୈଧସମାଜର ସୀମାରେଖା ସ୍ପର୍ଶ କରି ବହିଆସୁଛି ସାରସ୍ୱତ ସୃଜନଧାରାର ଶାଶ୍ୱତୀ ସରସ୍ୱତୀ । କେବେ ହୋଇଛି କୂଳଲଂଘିନୀ ତ କେବେ ପୁଣି ଅନ୍ତଃସଲିଳା । ଆଉକେବେ ସାରସ୍ୱତ ସର୍ଜନାର ଏ ସରସ୍ୱତୀ ସମାଜର ଅନ୍ଧକାର ଯୁଗ ପରିକ୍ରମା କରୁକରୁ ବାଛିନେଇଛି ମରୁପଥ । ଯୁଗରୁ ଯୁଗାନ୍ତର– କାଳରୁ କାଳାନ୍ତର – ସମୟରୁ ସମୟାନ୍ତରକୁ ମୁହାଁଉ ମୁହାଁଉ ସାହିତ୍ୟ କେବେକେବେ ସାମ୍ନା କରିଛି ଏକ ସନ୍ଧିକ୍ଷଣ । ଆମର ଆଜିର ସାହିତ୍ୟ ତଥା ସାଂପ୍ରତିକ ସାହିତ୍ୟ ହେଉଛି ପ୍ରକାରାନ୍ତରେ ଏକ ସନ୍ଧିକ୍ଷଣର ସାହିତ୍ୟ । ବିଗତ ବିଂଶଶତାବ୍ଦୀ ଏବଂ ସମାଗତ ଏକବିଂଶ ଶତାବ୍ଦୀର ମଧ୍ୟବର୍ତ୍ତୀ ସ୍ଥିତିରେ ସାହିତ୍ୟ କେବଳ ଏକ ଉର୍ଦ୍ଧ୍ୱଶ୍ୱାସ ତ୍ରିଶଙ୍କୁ – ତା' ପାଦ ତଳେ ମାଟି ନାହିଁ, ମଥା ଉପରେ ନାହିଁ ଆକାଶ । ଶୂନ୍ୟ – ଶୂନ୍ୟତା – ଶୂନ୍ୟଚାରିତାକୁ ନେଇ ଶବ୍ଦର ଶାମୁକା ସାଉଁଟୁଛି ସେ- ଅର୍ଥହୀନତାର ଉପକଣ୍ଠରେ । ଏଭଳି ଏକ ଅବସ୍ଥା ଏଠି ଉପୁଜିଛି ଯେ ଯେଉଁଠି ଓଡିଆ ସାହିତ୍ୟ ଆଜି ପାଠକହୀନ ସାହିତ୍ୟରେ ପରିଣତ ହେବାକୁ ଯାଉଛି । ବର୍ତ୍ତମାନ ଓଡିଆ ପୁସ୍ତକ କହିଲେ ଆମେ ଦେଖୁଛୁ ଗଦାଗଦା ଅନାବଶ୍ୟକ ଉତ୍ପାଦିତ ସାମଗ୍ରୀ । ରଙ୍ଗ ଅଛି, ରସ ନାହିଁ – ରୂପ ଅଛି, ଋଦ୍ଧି ନାହିଁ – ରଚନା ଅଛି, ରୁଚି ନାହିଁ । ମନସ୍ତତ୍ୱ ଛାଡି ଶରୀରତତ୍ୱରେ ଆତ୍ମସ୍ଥ ଆମର ଆଭିମୁଖ୍ୟ ।

ଓଡିଆ ଭାଷା ହଜାରେ ବର୍ଷରୁ ବେଶି ଏବଂ ଓଡିଆ ସାହିତ୍ୟ ପାଂଚଶହ ବର୍ଷରୁ ଅଧିକ ଅବଧି ଅତିକ୍ରମ କରିସାରିଛି । ଏହାର ଅର୍ଥ – ସାମୂହିକ ଭାବରେ ଆମ ଭାଷାର ସାହିତ୍ୟ କେବଠୁ ପ୍ରାପ୍ତ ହୋଇସାରିଛି ତାର ପୌଗଣ୍ଡ, ତାର ପୌରୁଷ, ତାର ଐତିହ୍ୟର ଐଶ୍ୱର୍ଯ୍ୟ । ଅଥଚ ତାର ଏହି ବିଶାଳ ବୁନିଆଦିର ବର୍ତ୍ତମାନ ଅବସ୍ଥା ଏକ ଦୟନୀୟ ଦୁରବସ୍ଥାରେ ପରିଣତ ହେଲା କିପରି ? ଏହାର ମୁଖ୍ୟ କାରଣ ହେଉଛି ସାହିତ୍ୟ ଆଉ ସମଷ୍ଟିର ସାମଗ୍ରୀ ନହୋଇ, ହୋଇପଡିଛି ବ୍ୟଷ୍ଟିର ବିଜ୍ଞପ୍ତି । ଆଗେ ଗାଦୀ ଥିଲା, ରାମାୟଣ-ମହାଭାରତ ପଢାଯାଉଥିଲା – ଟୁଙ୍ଗି ଥିଲା, ଭାଗବତ ବୋଲାଯାଉଥିଲା – ସଭା ଥିଲା – ପୁରାଣ- ପୋଥିପତ୍ରାଦି ସଦ୍‌ଗ୍ରନ୍ଥାଦିର ସୁସମାଚାର ଶ୍ରୁତିଗୋଚର ହେଉଥିଲା । ଜଣେ ପଢୁଥିଲେ, ଦଶଜଣ ଶୁଣୁଥିଲେ- ଦଶଜଣ ଶୁଣାଉଥିଲେ ଶହେଜଣ ଜାଣୁଥିଲେ– ଶହେଜଣ ଜଣାଉଥିଲେ ତୁଣ୍ଡବାଇଦ ସହସ୍ରକୋଶ ପରି ହଜାରେଜଣ ବଖାଣୁଥିଲେ । ଏ ବଖାଣିବାଟା ବଖରା ଭିତରର ବକ୍ତବ୍ୟ ନହୋଇ ବ୍ୟାପିଯାଉଥିଲା ଏ ଗାଆଁରୁ ସେ ଗଡଜାତ – ଏ ମାଟିରୁ ସେ ମୂଲକ । ଏପରିକି ମଜାକଥା ପରି ମନେହେଉଥିଲେ ହେଁ ଏଠାରେ ଉଲ୍ଲେଖ କରିବା ଏକାନ୍ତ ଜରୁରୀ ଯେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ଯେତେବେଳେ ପତ୍ରିକାରେ ଧାରାବାହିକ ଭାବରେ ପ୍ରକାଶ ପାଉଥାଏ, ସେତେବେଳେ ଏହି ଉପନ୍ୟାସର ଚରିତ୍ର ରାମଚନ୍ଦ୍ର ମଙ୍ଗରାଜଙ୍କୁ ନେଇ ମାନ୍ୟବର ଅଦାଲତ ରାୟ ଶୁଣାଇବେ ବୋଲି ଅଧ୍ୟାୟଟିଏ ଛାପା ହେଲା ପରେ କାହିଁ କୁଆଡୁ ଶଗଡରେ ଆସି ଲୋକେ ଜମା ହୋଇଯାଇଥିଲେ କଟକର କିଲଟରୀ ହତାରେ ! କ'ଣ ନା ଆଜି ମଙ୍ଗରାଜଙ୍କ ମାମଲାର ଫଇସଲା !



ଫକୀରମୋହନଙ୍କ ଉପନ୍ୟାସକୁ ଲୋକେ କଳ୍ପନା ବୋଲି ନଭାବି କିପରି ସତ୍ୟ ବୋଲି ଆଦରି ନେଇଥିଲେ, ଏ କଥା ତାର ପ୍ରମାଣ । ବେଳେବେଳେ ସାହିତ୍ୟ ଏହିଭଳି ସତ୍ୟ ପାଲଟିଯାଇଥାଏ ।

ସାଂପ୍ରତିକ ସାହିତ୍ୟ କିନ୍ତୁ ସତ୍ୟ ପାଲଟିବ କ'ଣ– ଓଲଟି ମିଥ୍ୟାକୁ ମୁଖବନ୍ଧ କଲାଣି । ସେଥିପାଇଁ ସାହିତ୍ୟକ୍ଷେତ୍ରରେ ଆଜି ଲେଖକ-ବହୁଳତା ସତ୍ୱେ ପାଠକ-ବିରଳତା ଏକ ଘୋର ଦୃଷ୍ଟିକଟୁ ବ୍ୟାପାର । ଯେତେଯେତେ ବହି ଛାପାଯାଉଛି, ସେତେସେତେ ପାଠକ ଛପିଯାଉଛନ୍ତି ଆଖି ଆଗରୁ । ଯେତେଯେତେ ଲେଖକ ଉତୁରୁଛନ୍ତି, ସେତେସେତେ ଉଭେଇଯାଉଛି ଲେଖାର ଗୁଣାତ୍ମକ ମାନ । ସାହିତ୍ୟ ଆଳରେ ଚାଲିଛି କେବଳ ଫାର୍ସର ଫେସନ୍ ଶୋ – ଚରିତ୍ରସଂହାରୀ ଚର୍ଚ୍ଚା – ବିବାଦୀୟ ବିତର୍କ – ମାରପେଂଚର ମଂଚନିର୍ମାଣ । ଜଣେ ଲେଖକ ସହୁନି ଆଉଜଣେ ଲେଖକକୁ–ବାରଜଣ ଲେଖକଙ୍କୁ ନେଇ ଗଢାଯାଉଥିବା ଗୋଷ୍ଠୀ ଗଣମାଧ୍ୟମକୁ ବ୍ୟବହାର କରିବା ନିମନ୍ତେ ଆଗେଇଗଲା ବେଳକୁ କୌଣସି ପ୍ରକାଶକ ଆତ୍ମସଂଗଠନ ତିଆରି କରି ମୁହାଁଇଗଲେଣି ମାମଲାବାଜି ପର୍ଯ୍ୟନ୍ତ । ପରିସ୍ଥିତି ପୁଣି ଏପରି ଉତ୍ପୀଡକ ଯେ କତିପୟ ଲେଖକ-ପ୍ରକାଶକ ବି ଓକିଲ ଆଉ ସାମ୍ବାଦିକମାନଙ୍କ ଦ୍ୱାରସ୍ଥ ହୋଇ ସାହିତ୍ୟକୁ ନାଲିକୋଠାଆଡକୁ ନେଇଯିବାକୁ ଯୋଜନାବଦ୍ଧ ! ଯଦି କେଉଁ ପୁସ୍ତକ ପୁରସ୍କୃତ ହେଲା, ତେବେ ପୁରସ୍କୃତ ପୁସ୍ତକକାରଙ୍କ ପାଇଁ ମାମଲା ଦାଏର୍ କରି ମାନ୍ୟବର ଅଦାଲତଙ୍କ ଆଗରେ ପ୍ରାର୍ଥନା କରାଗଲା ସ୍ଥଗିତାଦେଶ ! ଇଏ କି କୂଟ ? ସାହିତ୍ୟକୁ ବ୍ରତ ଓ ବୃତି କରୁଥିବା ଚରିତ୍ରମାନେ କ'ଣ କସ୍ମିନକାଳେ ହୋଇପାରନ୍ତି ଏହିଭଳି ବିବ୍ରତ ଓ ଦୁର୍ବୃତ ?

ସାହିତ୍ୟର ସତ୍ୟଭଙ୍ଗ । ସାହିତ୍ୟରେ ସ୍ୱପ୍ନଭଙ୍ଗ । ସାହିତ୍ୟରେ ଶାନ୍ତିଭଙ୍ଗ । ଏହି ପର୍ଯ୍ୟାୟରେ ଆମର ଦାୟିତ୍ୱ ହେଉଛି – ଓଡିଆ ଭାଷାର ଭବିଷ୍ୟତ ଓ ଓଡିଆ ସାହିତ୍ୟର ସମ୍ଭାବନା ପ୍ରତି ଦେଖାଦେଉଥିବା ବାଧାବିଘ୍ନଗୁଡିକୁ ବିଚାର କରି ଏକ ପରିମଳ ପରିମଣ୍ଡଳ ପ୍ରସ୍ତୁତି ପାଇଁ ସଜାଗତା ସୃଷ୍ଟି । ବିତର୍କ ଓ ବିବାଦର ବ୍ୟୁହରେ ସାହିତ୍ୟକୁ ଟାଣିନେଇଯାଇ ଯେଉଁମାନେ ମଂଚରେ ମୁରବିଗିରି ପ୍ରଦର୍ଶନ କରୁଛନ୍ତି, ସେମାନଙ୍କ ପ୍ରତି ସଚ୍ଚା ଲେଖକମାନଙ୍କର ଶୀତଳ ବୈରାଗ୍ୟ ଥାଇପାରେ – ମାତ୍ର ସଙ୍କୋଚ ପାଠକମାନଙ୍କର ଉଷ୍ଣ ବିଦ୍ରୋହବହ୍ନି ଦିନେ ନା ଦିନେ ପ୍ରଜ୍ୱଳିତ ହୋଇପାରେ, ଏହା ଅବଶ୍ୟମ୍ଭାବୀ ।

ଓଡିଆ ସାହିତ୍ୟ ଆଜି ଅସୁସ୍ଥ । କନିଷ୍ଠମାନଙ୍କର ବରିଷ୍ଠମାନଙ୍କ ପ୍ରତି ନାହିଁ ସଂଭ୍ରମ । କତିପୟ ବୟୋଜ୍ୟେଷ୍ଠ ଲେଖକ ବୟୋକନିଷ୍ଠ ନବ୍ୟଲେଖକମାନଙ୍କୁ ନିଜନିଜ ଆଖଡାଘରେ ତାଲିମ୍ ଦେବାକୁ ବି ତୟାର୍ ! ବିଭିନ୍ନ ଚକ୍ର ଓ ଗୋଷ୍ଠୀରେ ବିଭାଜିତ ଆମ ସାହିତ୍ୟଖଣ୍ଡ ।

ସାହିତ୍ୟରେ ଅଙ୍ଗୀକାର ନାହିଁ - ଅନୁରାଗ ନାହିଁ– ସାମ୍ନା କରିବାର ସାହସିକ ସ୍ୱର ନାହିଁ – ଏଭଳି ସାହିତ୍ୟ କେବଳ ସଂଭୋଗଧର୍ମୀ ସହଜସାଧନା ଛଡା ଆଉ କ'ଣ ହୋଇପାରେ ? ସେଇ କାମଜ୍ୱାଳାର କାରୁକାର୍ଯ୍ୟ କେବଳ !

କାମୁକମାନଙ୍କ ପ୍ରେମିକ କହିବସିଲେ କଥାଟା ଯେମିତି ହାସ୍ୟକର, ଏଭଳି ଲେଖକମାନଙ୍କୁ ଆମ ସାହିତ୍ୟର ପ୍ରକୃତ ପ୍ରତିନିଧି ମଣିଲେ ସେମିତି ହାନିକାରକ । ଏ ହାନି ସାହିତ୍ୟର, ସଭ୍ୟତାର ଆଉ ସଂସ୍କୃତିର । ମୁଁ କହୁନାହିଁ ଯେ ଲେଖକଟିଏ କୌପୀନ ପିନ୍ଧୁ, ରୁଦ୍ରାକ୍ଷମାଳ ଧାରଣ କରୁ କି କମଣ୍ଡଳୁ । ମାତ୍ର ଜନଗଣଙ୍କର ରୁଚି ଓ ଶୁଚିର ସମୁନ୍ନତିକୁ ଛାଡି ସାହିତ୍ୟ ଯଦି କେବଳ କେତେକ ସିରସ୍ତାଦାର୍ ବ୍ୟକ୍ତିବିଶେଷଙ୍କ ବିକଳ ବାସନାର ଅଭିବ୍ୟକ୍ତି ହୋଇପଡେ, ତା'ହେଲେ ଦୁର୍ନୀତି ନିବାରଣରେ ଲେଖକର ଭୂମିକା କଥାଟି ଏକ ଅବାନ୍ତର ଉଲ୍ଲେଖ ଛଡା ଆଉ କ'ଣ ହୋଇପାରେ ?

ସାହିତ୍ୟ ଧର୍ମଶାସ୍ତ୍ର ନୁହେଁ, ଲୋକସମାଜକୁ ପ୍ରବଚନ ଦେଇ ନୈତିକ ମୂଲ୍ୟବୋଧରେ ପ୍ରଣୋଦିତ କରିଚାଲିବା ଲେଖକର ଧର୍ମ ନହୋଇପାରେ । ମାତ୍ର ଯେଉଁ ଅନୁପ୍ରେରଣା ଓ ଆତ୍ମପ୍ରେରଣା ମଣିଷର ଅନ୍ତଃସତାରେ ତାକୁ ବଦଳାଇବାର ଆହ୍ୱାନରେ ଉଦ୍‌ବୁଦ୍ଧ କରିଥାଏ, ତାହା ନିଶ୍ଚିତ ଭାବରେ ସାହିତ୍ୟର ଦାୟିତ୍ୱ । ଧର୍ମ ହୁଏତ ଈଶ୍ୱରଙ୍କ ଆଡକୁ ମଣିଷକୁ ମୁହାଁଇନେଇ ପାରେ, ମାତ୍ର ସାହିତ୍ୟ ମାମୁଲିମଣିଷକୁ ଈଶ୍ୱରରେ ପରିଣତ କରିବାର ସତ୍ୟ ସହିତ ଶପଥବଦ୍ଧ । ନହେଲେ ଦସ୍ୟୁ ରତ୍ନାକର କ'ଣ ରାମାୟଣ ରଚନାକାର ବାଲ୍ମୀକି ହେବାକୁ ଚାହିଥାନ୍ତା ? ଏହି 'ଚାହିବା'ର ଚାରା ହିଁ ସାହିତ୍ୟ-ଯାହା ଦିନେ ପୁଷ୍ପଫଳଶୋଭିତ ମହାଦ୍ରୁମ ହୋଇ ଅସନ୍ତୁଳିତ ସମାଜ ପାଇଁ ଛାୟାପ୍ରଦାନର ପ୍ରତିଶ୍ରୁତି ବହନ କରିଥାଏ ।

ସବୁ ଯୁଗରେ, ସାହିତ୍ୟର ଭିଡ ଭିତରେ 'ପ୍ରତିବାଦ'ର ବିରଳସ୍ୱର ଯେତେ କ୍ଷୀଣ ଭାବରେ ହେଉ ସୁଦ୍ଧା – ଉଚ୍ଚାରିତ ହୋଇଆସିଛି, ନିର୍ଭୀକ ଭାବରେ । ଏ ସ୍ୱର ଦାୟିତ୍ୱର ସ୍ୱର, ଦାୟବଦ୍ଧତାର ସ୍ୱର, ଦୁର୍ବାର ଅଙ୍ଗୀକାରର ଦୁର୍ଦ୍ଧର୍ଷ ଇସ୍ତାହାର । ମେଣ୍ଢାମାନଙ୍କ ମେଳରେ ଭେଣ୍ଡା ପରି ପ୍ରତ୍ୟେକ ଯୁଗର ସୁବିଧାବାଦୀ, ନିରାପତାପ୍ରେମୀ ଚାରଣ, ଚାଟୁକାର ଲେଖକମାନଙ୍କର ଭିଡ ଭିତରେ ବି ଆମେ ଲକ୍ଷ୍ୟ କରିଛୁ ଜଣେ ଜଣେ ସଂକଳ୍ପବଦ୍ଧ, ଶଙ୍କାହୀନ ସାହିତ୍ୟକାରକୁ– ଯେଉଁମାନଙ୍କ ଲେଖାସବୁ ସାହିତ୍ୟର ଦାୟିତ୍ୱ ତୁଲାଇ ଆସିଛି ପ୍ରାଣପଣେ । ସେମାନେ ମୃତ୍ୟୁକୁ ଭୟ କରିନାହାନ୍ତି, ଯନ୍ତ୍ରଣାର ଯୂପକାଠକୁ ଡରିନାହାନ୍ତି, ରାଜଦଣ୍ଡ ଓ ଫାଶୀମଂଚକୁ ଖାତିର କରିନାହାନ୍ତି ମୋଟେ । ଅଥଚ ଆମ ଲେଖକମାନଙ୍କର ଆଦର୍ଶ ହେବା ଉଚିତ୍ – ସନ୍ତୁଷ୍ଟ ଶୂକର ନୁହେଁ, ଅସନ୍ତୁଷ୍ଟ ସକ୍ରେଟିସ୍ ! ଏ କଥା ଭୁଲିଗଲେ ଚଳିବ ନାହିଁ ।

ଏ ଅସୁସ୍ଥ ଓଡିଆ ସାହିତ୍ୟର ଅପରିଚ୍ଛନ୍ନ ରୋଗଶଯ୍ୟା ହେଉଛି ଆମ ଓଡିଶାର ନିଅଂଟିଆ ସମାଜ । କପିଳେନ୍ଦ୍ର ଦେବଙ୍କ ସମୟର ସାରଳା ଦାସଙ୍କଠାରୁ ଆରମ୍ଭ କରି ଗୋରା ସାହେବ ଅମଳର ଫକୀରମୋହନ ସେନାପତିଙ୍କ ପର୍ଯ୍ୟନ୍ତ ଓଡିଆ ସାହିତ୍ୟ ଥିଲା ଅଭ୍ୟୁଦୟରୁ ଅଗ୍ରଧାବନ-ଏକ ଉତରଣକାମୀ ଅଭିଯାନ । ସ୍ୱାଧୀନତାପ୍ରାପ୍ତି ପରେ ପରାଧୀନତା କିନ୍ତୁ ବଜାୟ ରହିଗଲା ମାନଚିତ୍ରରେ ନୁହେଁ–ମାନସିକତାରେ । ସେଇ ପରାଧୀନ ମାନସିକତାକୁ ନେଇ ସ୍ୱାଧୀନ ଦେଶରେ ଆଜି ବି ରଚନା କରାଯାଉଛି ସାହିତ୍ୟ ନାଆଁରେ ସ୍ତୂପୀକୃତ ଆବର୍ଜନା । ଘୋର ବିଡମ୍ବନାର ବିଷୟ ହେଉଛି – ଏହି ଆବର୍ଜନାକୁ ପୁଣି ସର୍ଜନା ରୂପେ ବୈଧ ଘୋଷଣା କରାଯାଇ, ଜନସମାଜକୁ ବୁଝାଇ ଦିଆଯାଉଛି : ଏହା ହିଁ ସାହିତ୍ୟ !

*-ଯାଜପୁର ରୋଡ, ଯାଜପୁର*
*ମୋ: ୯୮୬୧୦୩୪୧୬୩*

# ସୁଖୀ ମଣିଷ

**ଡ. ପ୍ରତିଭା ମହାରଥୀ**



ଆସକ୍ତି ହିଁ ଦୁଃଖର କାରଣ । ମନୁଷ୍ୟର ବୟସ ସହ ବୁଦ୍ଧି, ବୃତ୍ତିର ମଧ ବିକାଶ ଘଟିଥାଏ । ଏକା ସାଙ୍ଗରେ ଇଚ୍ଛା, କାମନା, ବାସନା ମଧ ବଢ଼ି ବଢ଼ି ଚାଲିଥାଏ । ସମସ୍ତେ ଚାହାନ୍ତି ସୁସ୍ଥ ଅର୍ଥାତ୍ ନୀରୋଗ ହୋଇ ଧନ, ସମ୍ପଦର ପ୍ରାଚୁର୍ଯ୍ୟ ଭିତରେ ରହିବାକୁ । ମାତ୍ର ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ସୁଖ ପାଏନାହିଁ । କାରଣ ଧନ, ସମ୍ପଦ, ଯେତେ ବଢ଼ିଲେ ବି ସିଏ ଆହୁରି ଅଧିକ ଆଶାକରେ । ଗୋଟିଏ ଇଚ୍ଛାର ପୂର୍ତ୍ତି ପରେ ପରେ ଆଉ ଗୋଟିଏ ଇଚ୍ଛା ସ୍ଥାନୀତ ହୋଇଯାଏ ତାର ମାନସପଟ୍ଟରେ । କାରଣ ଇଚ୍ଛାମାନେ ଅସରନ୍ତି । ଇଚ୍ଛାମାନଙ୍କୁ ପୂରଣ କରୁ କରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମାଜରେ ସିଏ ଥକିପଡ଼େ, ପ୍ରକୃତ ସୁଖ, ଶାନ୍ତିଠୁ ଦୂରେଇ ଯାଇ ମଣିଷ କେବଳ ଧନ ସମ୍ପଦ ଠୁଳ କରିବାରେ ଲାଗିପଡ଼େ ।

ଯେତେବେଳେ ସମୁଦ୍ର ଭିତରୁ ମା' ମହାଲକ୍ଷ୍ମୀ ଆବିର୍ଭୁତା ହେଲେ ସେତେବେଳେ ପିତା ସମୁଦ୍ର ମା'ଙ୍କୁ ପଚାରିଲେ ସେ କାହାକୁ ବିବାହ କରିବାକୁ ଚାହୁଁଛନ୍ତି ! ! ମା ମହାଲକ୍ଷ୍ମୀ ଉତ୍ତର ଦେଇଥିଲେ, ଯିଏ ସମ୍ପୂର୍ଣ୍ଣ ଆସକ୍ତି ରହିତ ହୋଇଥିବେ ସିଏ ତାଙ୍କୁ ହିଁ ବିବାହ କରିବେ । ସଂସାର ସାରା ବୁଲିବୁଲି ଶେଷକୁ ମା ଦେଖିଲେ କ୍ଷୀରସାଗର ଭିତରେ ପ୍ରଭୁ ଗୋଲକବିହାରୀ ବିଷ୍ଣୁ ବଡ଼ ନିଶ୍ଚିନ୍ତରେ ଅନନ୍ତ ଶୟନରେ ଶୋଇଯାଇଛନ୍ତି ଏବଂ ଶେଷରେ ତାଙ୍କୁ ହିଁ ମହା ଆନନ୍ଦରେ ବିବାହ କରିଥିଲେ ।

ପ୍ରକୃତରେ ସୁଖୀ ହେବା କିମ୍ବା ଦୁଃଖୀ ହେବା - ଏହା ଆମ ମନର ଏକ ଏକ ଅବସ୍ଥା । ଯିଏ ପ୍ରତ୍ୟେକ ପରିସ୍ଥିତିରେ ସନ୍ତୁଷ୍ଟ ରହିପାରନ୍ତି, ସିଏ ହିଁ ସଦାସୁଖୀ ମଣିଷଟିଏ । ସେଥିପାଇଁ ସଂସ୍କୃତରେ କୁହାଯାଇଛି-

*''ଶାନ୍ତି ତୁଲ୍ୟଂ ତପୋ ନାସ୍ତି*
*ଅଶାନ୍ତସ୍ୟ କୁତଃ ସୁଖମ୍*
*ନ ତୃଷ୍ଣୟା ସମୋ ବ୍ୟାଧି*
*ନ ଚ ଧର୍ମୋଦୟା ପରଃ ।''*

ଏ ସମ୍ବନ୍ଧରେ ଗପଟିଏ । ଥରେ ଜଣେ ରାଜାଙ୍କ ମନରେ ଏକ ପ୍ରଶ୍ନବାଚୀ ସୃଷ୍ଟିହେଲା, 'ଏ ସଂସାରରେ ସବୁଠାରୁ ସୁଖୀ କିଏ ?' ରାଜ କର୍ମଚାରୀଗଣ ଚତୁର୍ଦ୍ଦିଗ ଖେଦିଗଲେ ଏବଂ ଶେଷରେ ଗୋଟିଏ ଅତି ଦରିଦ୍ର ଲୋକଟିକୁ ରାଜାଙ୍କ ପାଖକୁ ଧରି ଆଣିଲେ ।

ରାଜା ବୁଝିପାରିଲେ ନାହିଁ ଯେ କେମିତି ଜଣେ ଦରିଦ୍ର ଲୋକ, ଯିଏ କଠିନ ପରିଶ୍ରମ କଲେ କିଛି ଉପାର୍ଜନ କରିପାରୁଛି, ଯାହାର ଖାଇବା ପିଇବା ଓ ରହିବାର ଠିକ୍ ଠିକଣା ନାହିଁ, ନଈ କୂଳରେ ବସି ପବନ ଖାଇ ବଂଶୀ ବଜାଉଥିଲା ବୋଲି କେମିତି ସବୁଠାରୁ ସୁଖୀ ମଣିଷ ବୋଲି ଭାବି ତାକୁ ଧରି ଆଣିଲେ । ସେ ଲୋକ କେମିତି ସବୁଠାରୁ ସୁଖୀ ଲୋକ ତାହା ମୁଁ ବୁଝିପାରୁନାହିଁ । ରାଜା ମନ୍ତ୍ରୀଙ୍କୁ କହିଲେ ସେ ଲୋକ କଦାପି ସବୁଠାରୁ ସୁଖୀ ଲୋକ ହୋଇପାରିବ ନାହିଁ । ସେମିତି ଜଣକୁ ମୋ ପାଖକୁ ଡାକ । ମୁଁ ଦେଖେ ।

ସେମିତି ଦରିଦ୍ର ଅଥଚ ବଂଶୀ ବଜାଉଥିବା ପରମ ସୁଖୀ ଲୋକକୁ ଅଣାଗଲା । ତାକୁ ରାଜା ରାଜ୍ୟରୁ ଅଧେ ଦେଇଦେଲେ । ସେ ରାଜା ହୋଇଗଲା । ଆରାମରେ ରହିଲା, ଯାହା ଚାହିଁଲା ଖାଇଲା । ନରମ ଗଦିରେ ଶୋଇଲା, ହୁକୁମ ଦେବା ମାତ୍ରକେ ତାର କାମ ହୋଇଗଲା । ରାଜା ମନ୍ତ୍ରୀଙ୍କୁ କହିଲେ-ଏବେ ସେ ବୁଝିପାରୁଥିବ ସେ ଅସଲ ସୁଖ ବୋଲିଲେ କ'ଣ ? ତା ମନରୁ ଭ୍ରାନ୍ତି ଦୂରେଇ ଯାଇଥିବ ।

କିଛିଦିନ ପରେ ଦିନେ ସକାଳେ ରାଜା ଖବର ପାଇଲେ ଯେ ନୂଆ ରାଜା କୁଆଡ଼େ ଚାଲିଯାଇଛନ୍ତି । ସେ ସାଙ୍ଗରେ କିଛି ନେଇ ନାହାନ୍ତି । ନିଜର ପୁରୁଣା ପୋଷାକ ପିନ୍ଧି ବଂଶୀଟି ଧରି ଚାଲି ଯାଇଛନ୍ତି । ଗଲାବେଳେ ଚିଠିରେ ଲେଖିଯାଇଛନ୍ତି, 'ଏଠି ସବୁ ପାଇଥିଲି, କିନ୍ତୁ ଶାନ୍ତି ନିଦ୍ରା ପାଇଲିନି । ତେଣୁ ଚାଲିଯାଉଛି ।' ରାଜା ମନ୍ତ୍ରୀଙ୍କୁ କହିଲେ-ଏ ଲୋକ ହେଉଛି ଘୁଷୁରି । ଯାକୁ ପାଚିଲା କଦଳୀ ଭଲ ଲାଗିଲା ନାହିଁ । ମନ୍ତ୍ରୀ କହିଲେ-ନା, ମହାରାଜ ପ୍ରକୃତରେ ଯିଏ ସୁଖୀ ସେ ଶାନ୍ତିରେ ନିଦ୍ରା ଯାଇପାରେ । ଆପଣ ଶାନ୍ତିରେ ଶୋଇ ପାରୁଛନ୍ତି କି ? ରାତିରେ ଶାନ୍ତିରେ ଶୋଇବ ବୋଲି ଯିଏ ରାଜପଦ ଛାଡ଼ି ଦେଉଛି, ଭାବୁଛନ୍ତି ତାର ଅନ୍ୟ କିଛି ଦୁଃଖ ଓ ଅଭାବବୋଧ ଥିବ ବୋଲି ?

ପ୍ରକୃତରେ ନିଜ ମନ ତଥା ଇନ୍ଦ୍ରିୟମାନଙ୍କ ଉପରେ ବିଜୟ ହାସଲ କରିପାରିଛି ଯିଏ ସିଏ ହିଁ ଜିତେନ୍ଦ୍ରିୟ, ସିଏ ହିଁ ସଦାସୁଖୀ । ଆମର ସମସ୍ତ ଇନ୍ଦ୍ରିୟଗୁଡ଼ିକ ପ୍ରାୟତଃ ବହିର୍ମୁଖୀ । ମନ ଇଚ୍ଛାରୂପୀ ଡେଣା ମାଧ୍ୟମରେ ଏହି ଇନ୍ଦ୍ରିୟମାନଙ୍କୁ ନେଇ ସ୍ୱଇଚ୍ଛାରେ ଭ୍ରମଣ କରିବାକୁ ସର୍ବଦା ଚେଷ୍ଟା କରୁଥାଏ । ମାତ୍ର ଏହି ମନ ଉପରେ ବିବେକ ବା ବୁଦ୍ଧି ରୂପୀ ଲଗୁଡ଼ର ପ୍ରହାର ନ ହେଲେ ସେ ସହଜରେ ନିୟନ୍ତ୍ରିତ ହୋଇପାରେ ନାହିଁ ।

ମାତ୍ର ଗୋଟିଏ ଇନ୍ଦ୍ରିୟ ଦ୍ୱାରା ଆକର୍ଷିତ ହୋଇ ମୃଗ (ଶବ୍ଦଦ୍ୱାରା), ହସ୍ତୀ (ସ୍ପର୍ଶ ଦ୍ୱାରା), ପତଙ୍ଗ (ରୂପ ଦ୍ୱାରା), ମତ୍ସ୍ୟ (ରସଦ୍ୱାରା), ଭ୍ରମର (ଗନ୍ଧଦ୍ୱାରା) ମୃତ୍ୟୁମୁଖରେ ପତିତ ହୋଇଥାଆନ୍ତି, ଅଥଚ ମଣିଷ ଏକା ସଙ୍ଗରେ ଏ ସମସ୍ତ ବିଷୟଦ୍ୱାରା ଆକର୍ଷିତ ହୋଇଥାଏ । ତେଣୁ ଯେ ବୁଦ୍ଧିମାନ ସିଏ ବେଳ ଥାଉ ଥାଉ ମନ ସହ ଏକାଦଶ ଇନ୍ଦ୍ରିୟକୁ ଯଥାସମ୍ଭବ ନିୟନ୍ତ୍ରିତ କରି ରଖିଥାଏ । ଅତି ସରଳ ଭାଷାରେ କହିଲେ, ମନ ଉପରେ ବିଜୟ ହାସଲ କରିଥିବା ବ୍ୟକ୍ତି ହିଁ ସୁଖୀ ମଣିଷରେ ଅନ୍ତର୍ଭୁକ୍ତ । ସେଥିପାଇଁ କୁହାଯାଇଛି-

*''ରାଜ୍ୟ ଜିଣିଲେ ରାଜା ଲଭଇ ଖ୍ୟାତି/ବୀର ସମର ଜିଣି ରଖେ କୀରତି । ନିଜ ହୃଦୟ ଯେହୁ ପାରଇ ଜିଣି/ସଂସାରେ ସେହୁ ବୀର ମଉଡ଼ମଣି ।''*

ରାଜା ଯଯାତି ପୁତ୍ର ପୁରୁଙ୍କର ଯୌବନ ନେବା ପରେ ମଧ ସନ୍ତୁଷ୍ଟ ହୋଇ ପାରି ନ ଥିଲେ । ଦିଗ୍‌ବିଜୟୀ ବୀର ଆଲେକ୍‌ଜାଣ୍ଡର ଏତେ ରାଜ୍ୟ ଜୟ କଲା ପରେ ମଧ ରାଜ୍ୟ ଜୟର ନିଶା ତୁଟି ନଥିଲା ଜୀବନଦୀପ ନିର୍ବାପିତ ହେବା ପର୍ଯ୍ୟନ୍ତ । ସେଥିପାଇଁ ବୁଦ୍ଧଦେବ ରାଜପ୍ରାସାଦ, ସୁନ୍ଦରୀ ପତ୍ନୀ, ରାଜପୁତ୍ର ସବୁକିଛି ତ୍ୟାଗ କରି ନିଶାର୍ଦ୍ଧରେ ଚାଲି ଯାଇଥିଲେ ଜୀବନର ମହାସତ୍ୟକୁ ଆବିଷ୍କାର କରିବାକୁ । ଚଣ୍ଡାଶୋକ ଲକ୍ଷ ଲକ୍ଷ ଓଡ଼ିଆ ବୀରଙ୍କୁ ହତ୍ୟା କରି ମର୍ମାହତ ହେଲେ । ଧର୍ମାଶୋକରେ ପରିବର୍ତ୍ତିତ ହୋଇ ଶପଥ ନେଲେ ଧର୍ମର ପ୍ରଚାର କରିବେ, ଶାନ୍ତିର ବାର୍ତ୍ତା ପ୍ରସାର କରିବେ, ପୁରପଲ୍ଲୀରେ, ଘରେ ଘରେ ।

ତରବାରୀର ଜୟ ପ୍ରକୃତ ଜୟ ନୁହେଁ, ହୃଦୟର ଜୟ ହିଁ ପ୍ରକୃତ ଜୟ । ସୁଖ, ଶାନ୍ତି, ଆନନ୍ଦ ଲାଭର ସୂତ୍ର ଆମରି ଭିତରେ ଅଛି । ଜୀବନର ମାର୍ଗ ସହଜ ହେଉ, ସରଳ ହେଉ, ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ ଫଳପ୍ରାପ୍ତି ଜୀବନର ଲକ୍ଷ୍ୟ ହେଉ ।

*-ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯*

# ମୁମ୍ବାଇ ୨୬/୧୧ ଆତଙ୍କୀ ହାମଲା ଓ ପୋଲିସ ଅଫିସର ତୁକାରାମ ତୁମ୍ବଲେ

-------ଡାଃ ସୁରେନ୍ଦ୍ର ନାଥ ଦାଶ-------

୨୬.୧୧,୨୦୦୮ ତାରିଖ, ମୁମ୍ବାଇ ମହାନଗରୀ ପାଇଁ ଏକ ଅଭିଶପ୍ତ ରାତ୍ରୀ ଥିଲା । ସେଦିନ ଇଂଲଣ୍ଡ ସହ ଭାରତର କ୍ରିକେଟ ମ୍ୟାଚ ଥିବାରୁ ଲୋକମାନେ ଘରେ ରହି ଟିଭି ପାଖରେ ବସି ମ୍ୟାଚ ଦେଖୁଥାଆନ୍ତି । ମାୟା ନଗରୀରେ ସବୁଦିନ ଭଳି ଲୋକମାନେ ସ୍ୱପ୍ନରାଇଜରେ ଘୁରି ବୁଲୁଥିବା ବେଳେ ହଠାତ୍ ଦରିଆ ଆରପାରିରୁ କିଛି ଜେହାଦୀ ଇସଲାମିଲ ଆତଙ୍କବାଦୀ (ଲସ୍କର ଇ ତୋବା) ତଟରକ୍ଷୀଙ୍କ ନଜର ଏଡାଇ ଦକ୍ଷିଣ ମୁମ୍ବାଇ ଉପକୂଳ କେଫ ପାରେଡରେ ଅବତରଣ କରି ଏକକାଳିନ ତାଜ ହେରିଟେଜ ହୋଟେଲ, ଛତ୍ରପତି ରେଲ ଟରମିନାଲ, ଲିଓପୋଲଡ କେଫ, ନରିମାନ ହାଉସ ଓ ଓବେରାଇ-ଟ୍ରାଇଡେଣ୍ଟ ହୋଟେଲରେ ଏକେ ୪୭ ,୫୬ ଭଳି ଶକ୍ତିଶାଳୀ ବନ୍ଧୁକରୁ ଆଖିବୁଜା ଗୁଳି ବର୍ଷଣ କରିଥିଲେ । ଏ ସବୁ ବନ୍ଧୁକ ଏକ ମିନିଟରେ ୬୦୦ ଗୁଳି ଫାୟାର କରିପାରିବ । ମୁମ୍ବାଇ ପୋଲିସ ଏଭଳି ଆକ୍ରମଣ ପାଇଁ ପ୍ରସ୍ତୁତ ନଥିଲା । ନୌସେନା କମାଣ୍ଡୋ ଓଏନଏସଜିଙ୍କୁ ଡାକରା ପଡିଲା ଓ ଦୀର୍ଘ ୭୨ ଘଂଟାପରେ ପରିସ୍ଥିତି ଆୟତକୁ ଆସିଲା । ଆସିଥିବା ୧୦ ଜଣ ଆତଙ୍କୀ ମଧ୍ୟରୁ ୯ ଜଣ ନିହତ ହେଲେ । ଏକମାତ୍ର ଜଣେ ଜୀବନ୍ତ ଆତଙ୍କୀ କସବା ପୁଲିସ ଅଫିସର ତୁକାରାମ ତୁମ୍ବଲେଙ୍କ ସାହସିକତାରୁ ଧରାପଡିଲେ । ଏହି ଲୋମହର୍ଷଣକାରୀ ଘଟଣାରେ ୧୭୫ ଜଣ ସାଧାରଣ ଲୋକ ନିହତ ହେଲେ ଓ ଅନେକ ସୁରକ୍ଷା କର୍ମୀ ମଧ୍ୟ ଶହୀଦ ହେଲେ ରାସ୍ତାଘାଟ ଶୂନଶାନ ହୋଇଗଲା । ଭୟରେ ଲୋକେ ଘରେ କବାଟ କଳି ଟିଭିରେ ପ୍ରସାରିତ ଆତଙ୍କୀ ହାମଲାକୁ ଦେଖିବାକୁ ଲାଗିଲେ । ମାତ୍ର କେତେଜଣ ଆତଙ୍କବାଦୀ ଭାରତର ଅର୍ଥନୈତିକ ରାଜଧାନୀର ଜନଜୀବନକୁ ଯେପରି ସ୍ଥାଣୁ କରିଦେଲେ ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଓ ଅସହାୟ କରିଦେଲା ।



ଗିରଗାଁଓ ଟ୍ରାଫିକ ଛକରେ ପ୍ରାୟ ୨୦ଜଣ ପୁଲିସ ରାସ୍ତା ଜଗି ଥାଆନ୍ତି । ଯେଉଁ ଗାଡିମାନ ଯାଉଥାଏ ସବୁଗୁଡିକୁ ଭଲଭାବେ ତନଖି କରି ଦକ୍ଷିଣ ମୁମ୍ବାଇ ଆଡେ ନଯିବା ପାଇଁ ଆଦେଶ ଦେଉଥାଆନ୍ତି । ସେହି ପୋଲିସମାନଙ୍କ ମଧ୍ୟରେ ୪୮ବର୍ଷ ବୟସ୍କ ତୁକାରାମ ତୁମ୍ବଲେ ନିଜର ବାଡିଟି ଧରି ଠିଆ ହୋଇଥାଆନ୍ତି । ହୁଏତ ସେ ପାନ ଚୋବାଉଥିବା ଏକ ସାଧାରଣ ପୁଲିସ ରୂପେ ଇତିହାସରେ ହଜି ଯାଇଥାଆନ୍ତେ । ମାତ୍ର ସେଦିନର ଆକସ୍ମିକ ଘଟଣା ତାଙ୍କୁ ସାରା ଦେଶରେ ପରିଚିତ ଓ ବିଖ୍ୟାତ କରାଇଦେଲା ।

ହଠାତ ୱାକିଟକିରେ ନିର୍ଦ୍ଦେଶ ଆସିଲା, କିଛି ଆତଙ୍କବାଦୀ ଗୋଟିଏ ସ୍କୋଡା ମଟର ଗାଡି ଚୋରି କରି ଗିରଗାଁ ଛକ ଆଡେ ଯାଉଛନ୍ତି । ସେମାନଙ୍କୁ ଅଟକାଇବା ବିଡି ମାର୍ଗ ପୋଲିସର ଦାୟିତ୍ୱ । ସଙ୍ଗେ ସଙ୍ଗେ ପୋଲିସମାନେ ରାସ୍ତାରେ ଏକ ବାରିକେଡ ବସାଇ ଅପେକ୍ଷା କଲେ । ସେମାନଙ୍କ ପାଖରେ ୩୦୩ ରାଇଫଲ ଓ ଦଣ୍ଡା ଥାଏ । କିଛି ସମୟ ଯେପରି ଅନନ୍ତ କାଳ ଭଳି ଲାଗିଲା । ହଠାତ ଦୂରରୁ ଏକ ଗାଡିର ଉଜ୍ୱଳ ଆଲୁଅ ପଡିଲା । ଗାଡିଟି ଖୁବ୍ ଜୋରରେ ମାଡି ଆସୁଥିଲା । ବାରିକଡର କିଛି ଦୂରରୁ ଗାଡି ରହିଗଲା । ଆଲୋକ ଲିଭିଗଲା । ପୋଲିସମାନେ ଡାକବାଜି ଯନ୍ତ୍ରରେ ଘୋଷଣା କଲେ, ଯିଏ ଗାଡିରେ ଅଛନ୍ତି ସେମାନେ ଖାଲି ହାତରେ ଉପରକୁ ହାତଟେକି ପୋଲିସ ପାଖକୁ ଆସନ୍ତୁ । କିଛି ଉତ୍ତର ଆସିଲା ନାହିଁ । ପୋଲିସମାନେ ଜାଣିଲେ ଏହା ଆତଙ୍କବାଦୀଙ୍କ ଗାଡି । ଫାୟାର ଆରମ୍ଭ କଲେ । ହଠାତ ଗାଡିଟି ପ୍ରଚଣ୍ଡ ବେଗରେ ବାରିକେଡ ଆଡକୁ ମାଡି ଚାଲିଲା । ଡାହାଣ କଡକୁ ଖସି ଯିବାପାଇଁ ରାସ୍ତା ଡିଭାଇଡେର ଉପରେ ଚଢିଯିବା ବେଳେ ଚକା ଲାଖିଗଲା । ସାଙ୍ଗେ ସାଙ୍ଗେ କାରରୁ ଏକେ ୪୭ ରାଇଫଲରୁ ପୋଲିସଙ୍କ ଉପରକୁ ଗୁଳିବର୍ଷଣ ହେଲା । ପୋଲିସଙ୍କ ୩୦୩ ବନ୍ଧୁକ ତା' ନିକଟରେ କିଛି ନଥିଲା । ସବ୍- ଇନସ୍ପେକ୍ଟର ତୁମ୍ବଲେ ଗୋଟିଏ କଡରେ ଠିଆ ହୋଇ ଦେଖୁଥିଲେ । ଜଣେ ଆତଙ୍କବାଦୀ ରାଇଫଲରୁ ଗୁଳି ମାରୁଛି । ଗାଡିର କାଚ ଖୋଲା ଅଛି । ତୁମ୍ବଲେ ଡେଇଁ ପଡି ତା' ରାଇଫଲ ନଳାକୁ ଧରିଦେଲେ । ଆତଙ୍କବାଦୀ ପା-ର୍ଟି ଗୁଳି ତାଙ୍କ ଦେହକୁ ମାରିଦେଲା । ମାତ୍ର ତୁମ୍ବଲେ ବନ୍ଧୁକ ଧରି ତାକୁ ବାହାରକୁ ଟାଣି ଆଣିଲେ ଓ ଶେଷ ପର୍ଯ୍ୟନ୍ତ କାବୁକରି ରଖିଲେ । ଅନ୍ୟ ପୋଲିସମାନେ ଏହା ମଧ୍ୟରେ ଧାଇଁ ଆସି ତାକୁ ମାଡି ବସିଲେ । ସେତେବେଳକୁ ତୁମ୍ବଲେଙ୍କ ପ୍ରାଣହୀନ ଶରୀର ଟଳି ପଡିଲାଣି; ମାତ୍ର ବନ୍ଧୁକ ତାଙ୍କ ହାତ ମୁଠାରେ ରହିଥାଏ । ଅନ୍ୟ ପୋଲିସ ଭାସ୍କର କାଦାମ, ସଞ୍ଜୟ ଗୋଭିଲକର, ହେମନ୍ତ ବାଧାଙ୍କର ଗୁଳି ମାରି ଅନ୍ୟତମ ଆତଙ୍କୀ ତଥା ଗାଡି ଚଳାଉଥିବା ଇସମାଇଲକୁ ମାରିଦେଲେ । ଅଳ୍ପ ସମୟ ମଧ୍ୟରେ ସବୁ ଘଟିଗଲା । ପୋଲିସମାନେ ଜାଣି ନଥିଲେ ଯେ ସେମାନେ ଧରିଥିବା ଆତଙ୍କୀ ହେଉଚି ମହମ୍ମଦ ଆଜମଲ ଅମିର ବା କାସବ ଯିଏ କି, ଏକମାତ୍ର ଜୀବିତ ଆତଙ୍କବାଦୀ ଥିଲା ଓ ପାକିସ୍ତାନକୁ ଜଡିତ କରି ଦୁନିଆ ଆଗରେ କିଏ ଆକ୍ରମଣର ପ୍ରଚ୍ଛଦପଟ୍ଟ ନାୟକ, ପ୍ରମାଣ କଲା । ଏହାମଧ୍ୟରେ ଶହଶହ ଲୋକେ ଘରୁ ବାହାରି କାସବକୁ ଆକ୍ରମଣ ଆରମ୍ଭ କଲେ, ମାତ୍ର ପୋଲିସ ତାକୁ ରକ୍ଷାକରି ନାୟାର ହସପିଟାଲକୁ ନେଇଗଲେ । ସେଠାରେ ତାକୁ ହତ୍ୟା କରିଦେବାକୁ ସେ ପୋଲିସମାନଙ୍କୁ ପ୍ରାର୍ଥନା କଲା, କାରଣ ସେ ବ-ଂଚିବା ଖବର ଜାଣିଲେ ତାକୁ ପଠାଇଥିବା ଲୋକମାନେ ତା' ପରିବାରରୁ ସମସ୍ତଙ୍କୁ ହତ୍ୟା କରିଦେବେ ।

ନାସିକ ଜିଲ୍ଲାରେ ଜନ୍ମିତ ତୁମ୍ବଲେ, ଘରେ ସାନପୁଅ ଥିଲେ । ତାଙ୍କ ସ୍ତ୍ରୀ ଓ ଚାରିଝିଅଙ୍କୁ ସେ ଛାଡି ଯାଇଛନ୍ତି । ତାଙ୍କର ସାହସ ଭାରତର ଗୌରବକୁ ବଢାଇଦେଲା ଓ ସେ ମରଣୋତ୍ତର ସର୍ବଶ୍ରେଷ୍ଠ ବେସାମରିକ ସମ୍ମାନ ଅଶୋକଚକ୍ରରେ ସମ୍ମାନିତ ହେଲେ ।

*-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର, ମୋ:୯୪୩୭୨୩୫୩୮୬*




# ସ୍ୱାର୍ଥ ସର୍ବସ୍ୱ ଜନତା ଓ ନେତାଙ୍କ ଯୋଗୁ ଖୋର୍ଦ୍ଧାର ଅତୀତ-ବର୍ତ୍ତମାନ ଓ ଭବିଷ୍ୟତ ଭୁଲୁଣ୍ଠିତ

ଦିନ ଥିଲା ଯେତେବେଳେ ଓଡିଶା ନାମରେ ପରିଚିତ ଏ ବୀର ପାଇକ ମାଟି ଖୋରଧାର ଅତିତ ଯେ ଗୌରବମୟ ଥିଲା ଯାହା ବହୁ ପ୍ରଚାରିତ ତଥା ସର୍ବବାଦୀ ସମ୍ମତ । ମାତ୍ର ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ମଣିଷ ବଢେ, ମାଟିରେ ପାଦଥାପି ମଥା ଉପରର ଆକାଶକୁ ହାତ ବଢାଏ, ବାସ୍ତବତାରେ ରହି କଳ୍ପଲୋକ ଉନ୍ମୁଖୀ ହୁଏ । ସାଂପ୍ରତିକରେ ରହି ନିଜର ସାଧନା, ସିଦ୍ଧି, ଦୁରଦୃଷ୍ଟି ଓ ଯୋଜନାବଦ୍ଧ କାର୍ଯ୍ୟପଦ୍ଧତି ଦ୍ୱାରା ଭବିଷ୍ୟତ ନିର୍ମାଣ କରିଥାଏ । ଯେଉଁ କୃତବିଦ୍ୟ ଦେଶପ୍ରେମୀ ଓ ସାଧକମାନଙ୍କ ଆତ୍ମବଳୀ ଦ୍ୱାରା ଅତୀତ ସମୁଜ୍ଜ୍ୱଳ ସେମାନେ ଆଜି ସ୍ମରଣୀୟ । କିନ୍ତୁ ଆମେ ଯେଉଁମାନେ ବର୍ତ୍ତମାନରେ ସଂସ୍ଥାପିତ , ଭବିଷ୍ୟତ ବଂଶଧରଙ୍କ ପାଇଁ କଣ ସମ୍ମାନୀତ, ସଜୀବ ସ୍ମୃତିହୋଇ ରହିପାରିବା ତାହାହିଁ ଏକ ପ୍ରଶ୍ନବାଚୀ । ସେମାନଙ୍କ ଦୃଷ୍ଟିରେ ଆମେ ନିନ୍ଦନୀୟ ନା ବନ୍ଦନୀୟ ହେବା- ତାହା ଆମର ବର୍ତ୍ତମାନର ବିଚାରଧାରା ଓ କାର୍ଯ୍ୟ ପଦ୍ଧତିରୁ ହିଁ ସ୍ଥିରିକୃତ ହେବ, ଆମର ବ୍ୟକ୍ତିତ୍ୱର ମୂଲ୍ୟାୟନ ହେବ । ଆମ ନିସ୍ପୃହତା, ନିର୍ଲିପ୍ତତା, ଆଲସ୍ୟପରାଣୟତା, ସ୍ୱାର୍ଥ ସର୍ବସ୍ୱତା ତଥା ଅହଂ ମନୋଭାବ ଏବଂ ପରଶ୍ରୀ କାତରତା ଯୋଗୁ ଆମେ ଆଗାମୀ କାଳରେ ଅଭିଯୁକ୍ତ, ଲାଂଛିତ ହେବା ନା ତ୍ୟାଗ, ଏକତା, ଏକାଗ୍ରତା, ସହୃଦୟତା, ସହନଶୀଳତା, ଗଠନମୂଳକ ଚିନ୍ତାଧାରା ଦ୍ୱାରା ଖୋରଧାର ସାମୁହିକ ବିକାସ କରି ନୂତନ ପୀଢିଦ୍ୱାରା ଆଦୃତ, ପ୍ରଶଂସିତ ହେବା, ନିଜ ପାଇଁ, ଅନ୍ୟମାନଙ୍କ ପାଇଁ ଏକ ମନୋରମ ପୁଷ୍ପିତ ପରିବେଶ ସୃଜନା କରିବାର ସମୟ ଆସିଛି । ବୀରଭୂମି ଖୋରଧା ରକ୍ତରଂଜିତ । ଏହି ଲାଲମାଟିକୁ ଚୁପୁଡି ଦେଲେ ବୀରର ଶୋଣିତ ନିଗିଡି ପଡେ ବୋଲି କହି ସମବେତ ଶ୍ରୋତା ଓ ସୁସୁପ୍ତ ଜନତାକୁ ଦୀର୍ଘଦିନ ଧରି ବଶୀଭୁତ କରାଯାଉଛି । ବର୍ତ୍ତମାନ ଆମ ଖୋର୍ଦ୍ଧାର ବିଭିନ୍ନ ଅନୁଷ୍ଠାନ ମାନଙ୍କ ଭିତରେ ଗୋଷ୍ଠିକନ୍ଦଳ, ଗୋଡଟଣା ଯୋଗୁ କେନ୍ଦ୍ରସରକାର ଓଡିଶାକୁ ଅଣଦେଖା କରିବା ସହ ୧୮୧୭ ପାଇକବିଦ୍ରୋହ କୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦିଆଯାଇ ପାରିବନି ବୋଲି କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଜି. କିଷନ ରେଡ୍ଡୀ ଘୋଷଣା କରିବା ଅତ୍ୟନ୍ତ ନିନ୍ଦନୀୟ । ତଥାପି ଆମର ବିଭିନ୍ନ ଅନୁଷ୍ଠାନ ତଥା ସ୍ଥାନୀୟ ଅଧିବାସୀଙ୍କ ଚେତା ପଶୁନାହିଁ । ଖାଲି ନିଜ ଅନୁଷ୍ଠାନ ତଥା ନିଜ ନାମ ଖବର କାଗଜରେ ବାହାରିପଡିଲେ ସରଗ ଦି ଆଙ୍ଗୁଳି । ନିଜକୁ ଅତି ଚତୁର ମଣୁଥିବା ତଥାକଥିତ ଚାଲାକ ଲୋକଙ୍କୁ ଅନ୍ୟକଥା ଚିନ୍ତା କରିବାକୁ ତର ବା କାହିଁ ? ଖୋରଧାର ନିରନ୍ତର ଉନ୍ନତି ନହେଲେ ନାହିଁ ବିଭିନ୍ନ ଫନ୍ଦ ଫିକର କରି ନେତାଙ୍କ ଚାଟୁକାର ସାଜି ଅଧିକ ଅର୍ଥ ଉପାର୍ଜନ କରି ନିଜ ପରିବାରକୁ ଅଧିକ ସ୍ୱଚ୍ଛଳ ବିକାଶଶୀଳ କରିବାର ଚିନ୍ତା ବିଳାସୀ ସ୍ୱାର୍ଥ ସର୍ବସ୍ୱ ଜନତା ଓ ନେତାଙ୍କ ଦୃଢ ଅଭିବୃଦ୍ଧି ହେଉଥିବାରୁ ଆଜି ଆମର ଏପରୀ ଦୟନିୟ ଅବସ୍ଥା ଅକ୍ଟୋପସ୍ ପରି



ଉମାଶଙ୍କର ପ୍ରସାଦ

ଆମକୁ ଗ୍ରାସ କରିବାକୁ ବସିଛି । ବ୍ରିଟିଶ ଶାସନ ବିରୋଧରେ ଖୋର୍ଦ୍ଧାର ସେହି ବୀରପୁରୁଷ ମାନଙ୍କ ଦ୍ୱାରା ପ୍ରତିଷ୍ଠିତ ଉଚ୍ଛ୍ୱସିତ ଐତହ୍ୟର ଉଜ୍ଜ୍ୱଳ ଦୀପଶିଖା ଆକାଶକୁ ଭେଦି ଉଠିଥିବାବେଳେ ତା'ର ତଳେ ଅହେତୁକ ଅନ୍ଧକାରର ପର୍ଦ୍ଦା ଏବେବି ଢାଙ୍କି ହୋଇ ରହିଛି । ପ୍ରଜ୍ୱଳିତ ପ୍ରଦୀପକୁ ତଳେ ରଖିଦେଲେ ତାର ତଳ ଅନ୍ଧାର ରହିଯାଏ, ସେଠାକୁ ଦୀପାଲୋକ ଯାଇ ପାରେନାହିଁ; କିନ୍ତୁ ସେହି ଦୀପକୁ ଉପରକୁ ଟେକି ଧରିଲେ ତାହା ଚତୁର୍ଦ୍ଦିଗକୁ ଆଲୋକିତ କରିଥାଏ । ଆମେ ଏଯାଏଁ ଆମର ସେହି ବୀର ପୁରୁଷ ମାନଙ୍କର ଗୌରବଜ୍ଜ୍ୱଳ ଜାତୀୟ ଚରିତ୍ରର ଦିପଶିଖାକୁ ତଳୁ ଉଠାଇଟେକି ଧରିପାରି ନାହୁଁ, ସେଥିପାଇଁ ଦୀପତଳ ଅନ୍ଧାର । ସେହି ଗୌରବଜ୍ଜ୍ୱଳ ଦୀପଶିଖାର ଆଲୋକ ଏଯାଏଁ ଆମ ଜାତୀୟ ଜୀବନର ହୃଦୟତନ୍ତ୍ରୀକୁ ସ୍ପର୍ଶ କରିପାରିନାହିଁ । ସେହି ଗୌରବଗାଥାର ଐତିହ୍ୟକୁ ଇତିହାସ ଏଯାଏଁ ସଠିକଭାବେ କଳନା କରିପାରିନାହିଁ । ଇତିହାସର ଏହି ଗରିମାମୟ ଗାଥାକୁ ଆମର ତଥାକଥିତ ଐତିହାସିକ, ଗବେଶକ, ରାଜନେତା ସଠିକଭାବେ ଅନେଷ୍ମଣ କରି ଉପସ୍ଥାପିତ କରବାରେ ବିଫଳ ହୋଇଥିବାରୁ କେନ୍ଦ୍ରର ପର୍ଯ୍ୟଟନ ମନ୍ତ୍ରୀ ୧୮୧୭ ପାଇକବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତ ଦିଆଯାଇ ପାରିବନି ବୋଲି କହିବାକୁ ସାହସ କଲେ । ଯେଉଁ ବୀର ପୁରୁଷ ମାନଙ୍କର ଗୌରବଗାଥାକୁ ନେଇ ଖୋର୍ଦ୍ଧା ଇତିହାସ ସମୃଦ୍ଧ, ସେମାନଙ୍କ ମଧ୍ୟରେ ଭୋଇରାଜବଂଶର ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ରଦେବ, ସେହି ବଂଶର ଦ୍ୱାଦଶ ରାଜା ମୁକୁନ୍ଦଦେବଙ୍କ ସେନାପତି ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ଏବଂ ରାଜଗୁରୁ ଜୟକୃଷ୍ଣ ମହାପାତ୍ରଙ୍କ ନାମ ସର୍ବାଗ୍ରେ ଉଲ୍ଲେଖ ଯୋଗ୍ୟ । ରାମଚନ୍ଦ୍ର ଦେବ ଖୋର୍ଦ୍ଧାର ପାଇକବୀର ମାନଙ୍କ ସହାୟତାରେ ସ୍ୱତନ୍ତ୍ର ଖୋର୍ଦ୍ଧାରାଜ୍ୟ ଗଠନ କରି ଆମର କୀର୍ତ୍ତିରାଜି ବରୁଣେଇ ପାହାଡ ଘାଟିତଳେ ନିଜର ରାଜଧାନୀ ପ୍ରତିଷ୍ଠା କରିଥିଲେ । ସେଥିପାଇଁ ଗଜପତି ରାମଚନ୍ଦ୍ର ଦେବ ଖୋର୍ଦ୍ଧା ରାଜବଂଶର ପ୍ରତିଷ୍ଠାତା ଏବଂ ସ୍ୱତନ୍ତ୍ର ଖୋର୍ଦ୍ଧା ଇତିହାସର ସୃଷ୍ଟିକର୍ତ୍ତା ଭାବେ ଓଡିଆ ଜାତିର ନମସ୍ୟ । ଦୀର୍ଘ ୨୦୦ ବର୍ଷରୁ ଉର୍ଦ୍ଧକାଳ ରାଜତ୍ୱ କଳାପରେ ଖୋର୍ଦ୍ଧାରାଜ୍ୟର ପତନ ଘଟିଲା । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଓଡିଶା ଅଧିକାର କରି ୧୮୦୪ ରେ ଖୋର୍ଦ୍ଧାଗଡର ପତନ ଘଟାଇଲେ ଏବଂ ୧୮୦୯ ଶ୍ବରେ ଭୋଇବଂଶର ଦ୍ୱାଦଶ ରାଜା ୨ୟ ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ କରିବା ସହିତ ଖୋର୍ଦ୍ଧାରାଜ୍ୟର ସ୍ୱାଧୀନତା ଲୋପ କରିଦେଲେ । ସେତିକିବେଳେ , ଓଡିଶାର ସ୍ୱାଧୀନତାର ପୁନରୁଦ୍ଧାର ପାଇଁ ଶକ୍ତିଶାଳୀ ଇଂଗ୍ରେଜ ସରକାର ସଙ୍ଗେ ପ୍ରାଣମୂର୍ଚ୍ଛା ସଂଗ୍ରାମ ଚଳାଇଥିଲେ ବକ୍ସି ଜଗବନ୍ଧୁ, ଦେଓ୍ୱାନ କୃଷ୍ଣଚନ୍ଦ୍ର ଭ୍ରମରବରରାୟ,ଏବଂ ରାଜଗୁରୁ ଜୟକୃଷ୍ଣ ମହାପାତ୍ର । ଏହି ତିନିଜଣ ବୀର ପୁରୁଷଙ୍କ ପାଇଁ ଓଡିଆ ଜାତି ଗର୍ବିତ, ଓଡିଶା ଗୌରବାନ୍ୱିତ ଏବଂ ଓଡିଶାର ଐତିହ୍ୟ ସମୃଦ୍ଧ । ମାତ୍ର କୁଟନୀତି ବିଶାରଦ ଇଂରେଜ ଲେଖକମାନଙ୍କ ଚକ୍ରାନ୍ତ ଓ ଦୁରଭିସନ୍ଧି ଫଳରେ ଖୋର୍ଦ୍ଧା ଇତିହାସରେ ଏହି ତିନିଜନ ପ୍ରାତଃ ସ୍ମରଣୀୟ ବୀରପୁରୁଷଙ୍କ ସମ୍ପର୍କରେ ବିଭ୍ରାନ୍ତିକର ତଥ୍ୟସ୍ଥାନ ପାଇଯାଇଛି ଯାହା ଆମର ଜାତୀୟ ପରମ୍ପରାର ପରିପନ୍ଥି । ଏହି ତିନିଜଣ କିମ୍ବଦନ୍ତୀ ପୁରୁଷଙ୍କର ଇଂଗ୍ରେଜ ଶାସନ ବିରୋଧରେ ଗୌରବମୟ ଭୂମିକାକୁ ନେଇ ସମୃଦ୍ଧ ଖୋର୍ଦ୍ଧା ଇତିହାସର କାଳଜୟୀ ଆଲୋକ ସ୍ତମ୍ଭକୁ ଇଂରେଜମାନେ ସାମୟିକଭାବେ କଳାପରଦାରେ ଢାଙ୍କି ଦେଇଥିଲେ ବି ସେ ଆଲୋକ କଦାପି ନିଷ୍ପ୍ରଭ ହେବ ନାହିଁ । ବର୍ତ୍ତମାନ ସମୟରେ ଖୋର୍ଦ୍ଧାର ସମସ୍ତ ବୁଦ୍ଧୀଜିବୀ, ସାହିତ୍ୟିକ, ଐତିହାସିକ, ରାଜନେତା ଏହା ବିରୁଦ୍ଧରେ ସମବେତ ହୋଇ ସ୍ୱର ଉତ୍ତ୍ଳନ କରି ଖୋର୍ଦ୍ଧାର ଐତିହ୍ୟ ଅସ୍ମିତା କୁ ଜାତୀୟ ସ୍ତରରେ ପ୍ରତିଷ୍ଠା କରିବା ପାଇଁ ଆନ୍ଦୋଳନ କରିବାର ସମୟ ଆସିଛି ।

ସ୍ତମ୍ଭକାର ଖୋର୍ଦ୍ଧା, (୬୩୭୦୬ ୭୫୫୬୨)

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତ୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫରମାନ ଘୋଷଣା କରିଛି । ଏହି ଅଫରଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋରଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସ୍‌ଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## କାଜୁ ଜଙ୍ଗଲରୁ ଝୁଲନ୍ତା ଅବସ୍ଥାରେ ଅଚିହ୍ନା ଯୁବକର ଶବ ଉଦ୍ଧାର

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା ଅନ୍ତର୍ଗତ ଡିଙ୍ଗର ଗ୍ରାମର ବୁଧବାର ଦିନ ପୂର୍ବାହ୍ନରେ କାଜୁ ଜଙ୍ଗଲରୁ ଏକ ଅଚିହ୍ନା ଯୁବକର ଶବ ଉଦ୍ଧାର କରାଯାଇଛି । ସୂଚନା ଅନୁଯାଇ ଆଜି ପୂର୍ବାହ୍ନରେ କିଛିଲୋକ କାଜୁ ଜଙ୍ଗଲରେ ଶବଟି ଝୁଲନ୍ତା ଅବସ୍ଥାରେ ଦେଖି ପୋଲିସକୁ ଖବର ପାଇ ଘଟଣା ସ୍ଥଳରେ ପହଂଚି ଶବକୁ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲାରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ । ଏହି ଶବଟିର କେହି ଦାବୀଦାର ନ ଥିବାରୁ ତାଙ୍କୁ ୯୨ ଘଂଟା ପର୍ଯ୍ୟନ୍ତ ଶବ ସଂରକ୍ଷିତ ଗୃହରେ ରଖାଯିବ ବୋଲି ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥି କହିଛନ୍ତି ।

## ବଦଳି ସତ୍ତ୍ୱେ ଛାଡୁନି ମୋହ

ଆନନ୍ଦପୁର,(ପି.ଏନ):ଘଷିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଥାନାର ଥାନାଧିକାରିଣୀ ବନ୍ଦନା ପାତ୍ରଙ୍କ ବଦଳି ହୋଇଥିବା ସତ୍ତ୍ୱେ ସେ ଘର ଛାଡି ନଥିବା ଫଳରେ ନୂତନ ଥାନାଧିକାରୀ ପ୍ରଫୁଲ କୁମାର ବାରଲା ବଙ୍ଗଳାରେ ରହିବାକୁ ବାଧ ହୋଇଛନ୍ତି । ଯଦିଓ ଶ୍ରୀ ବାରଲା ଗତକାଲି ଥାନାରେ ଯୋଗ ଦେଇଛନ୍ତି କିନ୍ତୁ କାଗଜପତ୍ର ସବୁ ହସ୍ତାନ୍ତର କରିନାହାଁନ୍ତି ଶ୍ରୀମତୀ ପାତ୍ର । ବଦଳି ନିର୍ଦ୍ଦେଶ ସପ୍ତାହେ ପାର ହୋଇ ଯାଇଥିବା ବେଳେ ଏପରି କାର୍ଯ୍ୟକୁ ସାଧାରଣରେ ନାପସନ୍ଦ କରିବା ସହ ସନ୍ଦେହ ଘେରରେ ଦେଖୁଛନ୍ତି । ସୂଚନାଯୋଗ୍ୟ ଯେ ଶ୍ରୀମତୀ ପାତ୍ର ଉପରସ୍ତରରୁ ଚାପ ପକାଇ ରାମଚନ୍ଦ୍ରପୁର ଥାନାରେ ରହିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଫଳପ୍ରଦ ହଉନି ବରଂ ଏଭଳି ଅପଚେଷ୍ଟା ପାଇଁ କେନ୍ଦୁଝର ନିରୀକ୍ଷକ ଅଧିକାରୀ ତାଙ୍କୁ ତାଗିଦ୍ କରିଥିବା ଜଣାପଡିଛି ।

## ଗ୍ରୀନ୍ ଜୟଦେବ ଫାଉଣ୍ଡେସନ୍ ଟ୍ରଷ୍ଟ ପକ୍ଷରୁ ଶ୍ରୀଲିପ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବାଲିଅନ୍ତା,(ପି.ଏନ) : ବାଲିଅନ୍ତା ବ୍ଲକ ଅଧିନସ୍ଥ ପ୍ରତାପଶାସନ ଗ୍ରାମପଂଚାୟତ ବସନ୍ତପେଡି ଗ୍ରାମର ସନ୍ତୋଷ ଆଚାର୍ଯ୍ୟଙ୍କ ଝିଅ ଶ୍ରୀଲିପ୍ତା ଆଚାର୍ଯ୍ୟ (କୁନମୁନ) ସର୍ବ ଭାରତୀୟ ସ୍ତରରେ ହାଇଦ୍ରାବାଦରେ ଅନୁଷ୍ଠିତ ଥାଇ ବକ୍ସିଂ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ବିଜେତା ହୋଇଥିଲେ । ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ରାଜ୍ୟରୁ ମୋଟ ୬ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେ ବାଳକାଟିର ଗୁରୁ ଉମାକାନ୍ତ ବେହେରାଙ୍କ ଠାରୁ ପ୍ରଶିକ୍ଷଣ ଗ୍ରହଣ କରିଥିଲେ । ଖବର ପ୍ରଚାର ପ୍ରସାର ପରେ ସ୍ୱଗୃହକୁ ଫେରିବା ସମୟରେ ଅଂଚଳର କିଛି ସ୍ୱେଚ୍ଛାସେବୀ, ସମାଜସେବୀ, ରାଜନେତା ଓ ସାମ୍ବାଦିକ ଫୁଲଗୁଚ୍ଛ ଓ ଉତରି ଦେଇ ସମ୍ବର୍ଦ୍ଧନା ଦେଇଥିଲେ । ଅଂଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଯେକି ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟକରୁଥିବା ଗ୍ରୀନ ଜୟଦେବ ଫାଉଣ୍ଡେସନ୍ ତରଫରୁ ମଧ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ତଥା ବିଧାୟକଙ୍କ ବାଲିଅନ୍ତା ବ୍ଲକ ଶିକ୍ଷାପ୍ରତିନିଧି ନାରାୟଣ ବେହେରା ଟ୍ରଷ୍ଟର ମୁଖ୍ୟ ପ୍ରକୃତିବନ୍ଧୁ ଦୀନବନ୍ଧୁ ଭୋଇଙ୍କ ସମେତ ଅନୁଷ୍ଠାନର ଅନ୍ୟ ଟ୍ରଷ୍ଟି ଗଗନ ଭୋଇ, ବିଷ୍ଣୁଚରଣ ସାହୁ, ଗୋବିନ୍ଦ ବେହେରା, ସୁବାଷ ଦାସ, ଆଇନଜୀବି ସୁରେଶ ଦାସ ଓ ଯୁବନେତା ଅରବିନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ପୂର୍ବତଟ ରେଳପଥ ପକ୍ଷରୁ ମହାପରିନିର୍ବାଣ ଦିବସ ପାଳିତ

ଭୁବନେଶ୍ୱର ,(ପି.ଏନ): ପୂର୍ବତଟ ରେଳପଥ ପକ୍ଷରୁ ସୋମବାର ଭୁବନେଶ୍ୱର ସ୍ଥିତ ରେଳସଦନ ଠାରେ ଭାରତ ରତ୍ନ ବାବା ସାହେବ ଡ଼. ଭୀମରାଓ ରାମଜୀ ଆମ୍ବେଦକରଙ୍କର ମହାପରିନିର୍ବାଣ ପାଳିତ ହୋଇଯାଇଛି । ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧୀର କୁମାରଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀମାନେ ସ୍ୱର୍ଗତ ବାବା ସାହେବ ଡ଼. ବି.ଆର.ଆମ୍ବେଦକରଙ୍କୁ ପୁଷ୍ପମାଲ୍ୟ ପ୍ରଦାନକରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ରେଳପଥର ପ୍ରମୁଖ କାର୍ମିକ ଅଧିକାରୀ ତୁଷାରକାନ୍ତି ମଣ୍ଡଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ପୂର୍ବତଟ ରେଳପଥର ସମସ୍ତ ରେଳମଣ୍ଡଳ ଯଥା ଖୋର୍ଦ୍ଧା ରୋଡ଼, ସମ୍ବଲପୁର ଓ ୱାଲଟିୟର ଠାରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନଙ୍କ ନେତୃତ୍ୱରେ ଅଧିକାରୀ ଓ କର୍ମଚାରୀ ମାନେ ମହାପରିନିର୍ବାଣ ଦିବସ ପାଳନ କରାଯାଇଥିଲା ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତ୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିଫଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଠକ୍ରଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢାଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କଣ୍ଟିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଡୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ , କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ, ୧୨ନଂ ୱାର୍ଡରୁ ଜଣେ, ୧୩ନଂ ୱାର୍ଡରୁ ୨ଜଣ, ୧୭ନଂ ୱାର୍ଡରୁ ଜଣେ, ୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୂଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।




# 'ଜୱାଦ' କ୍ଷତିଗ୍ରସ୍ତ ଚାଷୀଙ୍କୁ ରାଜ୍ୟ ସରକାର ତୁରନ୍ତ କ୍ଷତିପୂରଣ ଦିଅନ୍ତୁ : କଂଗ୍ରେସ

ଭୁବନେଶ୍ୱର, (ପି.ଏନ): ଜୱାଦନ୍ତ ଜନିତ ଅଦିନିଆ ବର୍ଷା ଓଡ଼ିଶାର ଚାଷୀଭାଇ ମାନଙ୍କର ବର୍ଷକର ଆହାର ଛଡ଼ାଇ ନେଇଛି। କେବଳ ଧାନ ଚାଷୀ ନୁହନ୍ତି, ପରିବାଚାଷୀ ଓ ଅର୍ଥକାରୀ ଫସଲ କରିଥିବା ଚାଷୀ ମାନଙ୍କର ମଧ ମେରୁଦଣ୍ଡ ଭାଙ୍ଗିଯାଇଛି। ସେମାନଙ୍କର ଆଶା, ଭରଷା ଓ ସ୍ୱପ୍ନ ଧୂଳିସାତ ହୋଇଯାଇଛି। ଏଭଳି ବିପ୍ରାତ ସମୟରେ ରାଜ୍ୟ ଓ କେନ୍ଦ୍ର ସରକାର ତୁରନ୍ତ ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସରକାରଙ୍କ ନିକଟରେ ଦୃଢ଼ ଦାବି କରାଯାଇଛି। ଏ ସଂପର୍କରେ କଂଗ୍ରେସ ଭବନଠାରେ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ମୁଖପାତ୍ର ଶ୍ରୀ ପଦ୍ମାକର ଗୁରୁ, ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଶ୍ରୀ ଅମିୟ କୁମାର ପଟ୍ଟନାୟକ ଓ ବରିଷ୍ଠ ମୁଖପାତ୍ର ଶ୍ରୀ ଅମିୟ ପାଣ୍ଡବ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି କହିଛନ୍ତି ଯେ, ଏଭଳି ସଂଗୀନ ପରିସ୍ଥିତିରେ ସରକାର ଅବିଳମ୍ବେ ଚାଷୀମାନଙ୍କ ଉପରୁ କୃଷି ଋଣ ଛାଡ଼ କରନ୍ତୁ। କ୍ଷତିଗ୍ରସ୍ତ ଚାଷୀଭାଇ ମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ରିଲିଫ ବ୍ୟବସ୍ଥାରେ ଚାଷୀକୂଳ ଠିକ୍ ଭାବେ ଉପକୃତ ହୋଇପାରୁ ନାହାନ୍ତି। ଏଣୁ ପ୍ରଚଳିତ ରିଲିଫ କୋର୍ଡର ସଂଶୋଧନ କରାଗଲେ କୃଷକ ମାନଙ୍କର ସ୍ୱାର୍ଥରକ୍ଷା ହୋଇପାରିବ। ସେହିପରି ଜାତୀୟ ଓ ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିର ପ୍ରଚଳିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କୃଷି ଇନ୍‌ପୁଟ ସହାୟତା ଚାଷୀର କ୍ଷତି



ଭରଣାରେ ଯଥେଷ୍ଟ ନୁହେଁ। ଏଣୁ ଏହାକୁ ତିନିଗୁଣା ବୃଦ୍ଧି କରାଯାଉ। ସରକାରଙ୍କ ତରଫରୁ ୩୩ ପ୍ରତିଶତରୁ ଉର୍ଦ୍ଧ୍ୱ ଫସଲ ନଷ୍ଟ ହୋଇଥିବା ଚାଷୀଙ୍କୁ ଯେଉଁ କୃଷି ଇନ୍‌ପୁଟ ସହାୟତାର ପ୍ରଚଳିତ ବ୍ୟବସ୍ଥା ରହିଛି, ତାହାକୁ ତୁରନ୍ତ ପରିବର୍ତନ କରାଯାଇ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସଂଶୋଧିତ ବୃଦ୍ଧି ସହାୟତା ପ୍ରଦାନ କରାଯିବାକୁ କିଷାନ କଂଗ୍ରେସ ଅଧକ୍ଷ ଶ୍ରୀ ପଟ୍ଟନାୟକ ଦୃଢ଼ ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନାର ସର୍ତାବଳିରେ ଥିବା ଗଜା ମରୁଡ଼ି, ଅମଳ ପୂର୍ବରୁ ଫସଲ ନଷ୍ଟ ଏବଂ ବୀମା ଅଧିକୃତ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ଆଗୁଆ ବୀମାରାଶି ପ୍ରଦାନ, ନ୍ତଜୱାଦନ୍ତ ଲଘୁଚାପ ଆଶଙ୍କାରେ ଉପକୂଳ ଓ ଦକ୍ଷିଣ ଓଡ଼ିଶାର ଯେଉଁ ଚାଷୀମାନେ ତରବରିଆ ଭାବେ ସେମାନଙ୍କର ଫସଲ ଅମଳ କରି ରଖିଛନ୍ତି ତା'ର ମାନ ଖରାପ ହେବା ପୂର୍ବରୁ ସରକାର ତୁରନ୍ତ ମଣ୍ଡି ମାଧ୍ୟମରେ ଧାନ କିଣିବା। ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଗୁଣ୍ଠ ପ୍ରତି ସର୍ବନିମ୍ନ ୩ ହଜାର ଟଙ୍କା କ୍ଷତିପୂରଣ ରାଶି ସରକାର ପ୍ରଦାନ କରିବା, ଚଳିତ ରବି ଋତୁ ପାଇଁ ସରକାର ମାଗଣାରେ ଚାଷୀଙ୍କୁ ଉତ୍କୃଷ୍ଟ ମାନର ବିହନ, ସାର, କିଟନାଶକ ଔଷଧ ଯୋଗାଇ ଦେବା ଓ କ୍ଷତିଗ୍ରସ୍ତ ଭାଗଚାଷୀ ମାନଙ୍କୁ ସରକାର ଉପଯୁକ୍ତ କ୍ଷତିପୂରଣ ଓ ସହାୟତାର ଆଶୁ ପଦକ୍ଷେପ ଗ୍ରହଣ କରିବାକୁ ମୁଖପାତ୍ର ଶ୍ରୀ ଗୁରୁ ସରକାରଙ୍କ ଠାରେ ଦୃଢ଼ ଦାବି କରିଛନ୍ତି। ପ୍ରକାଶଥାଉକି, ଚାଷୀଭାଇ ମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ନ୍ତଜୱାଦନ୍ତ କ୍ଷତିଗ୍ରସ୍ତ କୃଷକମାନଙ୍କୁ ଉପଯୁକ୍ତ ସହାୟତା ରାଶି ପ୍ରଦାନ କରିବାକୁ ଗତକାଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରନ ପଟ୍ଟନାୟକ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଚାଷୀଭାଇ ମାନଙ୍କ ପାଇଁ ରାଜ୍ୟ ସରକାର କୁମ୍ଭୀର କାନ୍ଦଣା ବନ୍ଦ କରି ତୁରନ୍ତ ଉପରୋକ୍ତ ଦାବି ଗୁଡ଼ିକୁ ପୂରଣ ନକଲେ ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଆଗାମୀ ୧୫ ଡିସେମ୍ବର ବୁଧବାର ଦିନ ରାଜ ଭବନ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଂଗ୍ରେସ ପକ୍ଷରୁ ମୁଖପାତ୍ର ଶ୍ରୀ ଅମିୟ ପାଣ୍ଡବ ଚେତାବନୀ ଦେଇଛନ୍ତି।

## ତାଳଚେର - କଣିହାଁ ବିଦ୍ୟୁତିକରଣ କାର୍ଯ୍ୟକ୍ଷମ

ଭୁବନେଶ୍ୱର, (ପି.ଏନ): ସରକାରଙ୍କ ପକ୍ଷରୁ ଯାଂଚ ଅନୁମୋଦନ ପାଇବା ଏବଂ ପରୀକ୍ଷାମୂଳକ ଭିତିରେ ଲାଇଟ ରେଳ ଚଳାଚଳ କରିବା ପରେ ଆଜି ପ୍ରାୟ ୫୩.୫ ଟ୍ରାକ୍ କିଲୋମିଟର ତାଳଚେର - କଣିହାଁ ବିଦ୍ୟୁତିକରଣ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେବାପରେ ଏନଟିପିସି କଣିହାଁ ଭିତରକୁ ଇଲେକ୍ଟ୍ରିକ୍ ଇଞ୍ଜିନ ଥିବା ଟ୍ରେନ୍‌ଗୁଡ଼ିକ ପ୍ରବେଶ କରାଇବା ଏବଂ ବାହାରକୁ ଆସିବା ପାଇଁ ନିରବିହୀନ କାର୍ଯ୍ୟରେ ସାହାଯ୍ୟ କରିବ ଏବଂ ଟ୍ରାକ୍ସନ୍ ପରିବର୍ତନ ହେତୁ ଏନଟିପିସି ଏକ୍ସଚେଞ୍ଜ୍ ୟାର୍ଡରେ ଟ୍ରେନ୍ ଚଳାଚଳରେ ବିଳମ୍ବକୁ ଏଡ଼ାଇ ପାରିବା ସହିତ ବିପୁଳ ଆର୍ଥିକ ସଂଚୟ କରିବାରେ ସାହାଯ୍ୟ କରିବ। ସ୍ଥାନୀୟ ଅଂଚଳରେ ବହୁ ପ୍ରତିବନ୍ଧକ ଏବଂ ଗୁରୁତର ଆଇନ ଶୃଙ୍ଖଳା ପରିସ୍ଥିତି ସତ୍ୱେ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି।

# ପାଇକ ବିଦ୍ରୋହ ପାଇଁ ବିଜେଡି କୁମ୍ଭୀର କାନ୍ଦଣା କାନ୍ଦୁଛି : ବିଜେପି

ଭୁବନେଶ୍ୱର ,୦୬ ଡିସେମ୍ବର – ପାଇକ ବିଦ୍ରୋହକୁ ସମ୍ମାନ ଦେବା ପାଇଁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବିଜେଡ଼ି ସରକାର ଏବେ ପାଇକ ବିଦ୍ରୋହ ପାଇଁ ହଠାତ୍ ଚେଇଁ ଉଠିଛନ୍ତି। କୁମ୍ଭୀର କାନ୍ଦଣା କାନ୍ଦି ଓଡିଆଙ୍କୁ ଦିନରେ ଲଣ୍ଠନ ଦେଖାଉଛି ବୋଲି କହିଛନ୍ତି ବକ୍ସି ପରିବାରର ଦାୟାଦ ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ଶ୍ରୀ ମହାପାତ୍ର କହିଛନ୍ତି ଯେ ଦୀର୍ଘ ୨୨ ବର୍ଷର ବିଜେଡ଼ି ସରକାରରେ ପାଇକ ବିଦ୍ରୋହ କଥା କେବେ ହେଲେ ଉଠିନାହିଁ। ପାଇକ ବିଦ୍ରୋହର ମହାନାୟକ ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ପରିବାରର ସଦସ୍ୟ ଭାବରେ ଏହି ବିଷୟକୁ ଆମେ ମର୍ମେ ମର୍ମେ ଅନୁଭବ କରିଛୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ପାଇକ ବିଦ୍ରୋହକୁ ଜାତୀୟ ସ୍ତରରେ ଯେଉଁଭଳି ଭାବରେ ସମ୍ମାନ ଦିଆଯାଇଛି ସେଥିପାଇଁ ଆମେ ଗର୍ବିତ। ଜାତୀୟ ଇତିହାସର ମୁଖ୍ୟ ଧାରାରେ ବିଭିନ୍ନ କାରଣରୁ ଉପେକ୍ଷିତ ଓ ଅନାଲୋଚିତ ହୋଇ ରହି ଆସିଥିବା ପାଇକ ବିଦ୍ରୋହକୁ ଏକ ସମ୍ମାନର ସ୍ଥାନ ଦେବା ପାଇଁ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଧାନମନ୍ତ୍ରୀ ମୋଦି ଏବଂ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରି ୨୦୧୭ ମସିହା ଜାନୁଆରୀ ୧୮ ତାରିଖରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତି ପାଳନକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ଜେଟଲୀଜୀଙ୍କୁ କହିଥିଲେ। ୨୦୧୭-୧୮ ମସିହାରେ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ କେନ୍ଦ୍ର ବଜେଟରେ ଅର୍ଥ ବରାଦ କରି ବରଂ ଓଡିଆ ଜାତିର ବୀରତ୍ୱକୁ ରାଷ୍ଟ୍ରୀୟ-ଅନ୍ତରାଷ୍ଟ୍ରୀୟ ସ୍ୱୀକୃତି ପ୍ରଦାନ କରିଥିଲେ। ୨୦୧୭ ମସିହାର ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦ୍‌ଘାଟନ କରି ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଉଦଘୋଷଣାର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ। ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ପାଇକ ବିଦ୍ରୋହର ସଂଗ୍ରାମୀ ପୀଠ ବରୁଣେଇରେ ପାଇକ ବିଦ୍ରୋହର କର୍ଣ୍ଣଧାର ମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପାଇକ ବିଦ୍ରୋହକୁ 'ଏନ୍‌ସିଇଆରଟି'ର ପାଠ୍ୟ ପୁସ୍ତକରେ ସମ୍ମିଳିତ କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପାଇକ ବିଦ୍ରୋହ ସ୍ମାରକ ମୁଦ୍ରା, ସ୍ମାରକ ଡାକ ଟିକେଟ୍ ଉନ୍ମୋଚନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ କୋଟି ଟଙ୍କା ବ୍ୟୟରେ ବକ୍ସି ଜଗବନ୍ଧୁ ଚେୟାରକୁ ଆରମ୍ଭ କରି ପାଇକ ବିଦ୍ରୋହକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଥିଲେ। ପାଇକ ବିଦ୍ରୋହର ସ୍ମୃତିକୁ ଅମର କରି ରଖିବା ପାଇଁ ଖୋର୍ଦ୍ଧାର ଅନତିଦୂରରେ ଥିବା ବରୁଣେଇ ଠାରେ ଏକ ଭବ୍ୟ ସ୍ମାରକ ନିର୍ମାଣ ପାଇଁ ମୋଦି ସରକାର ୨୦୧୭ ମସିହାରେ ଘୋଷଣା କରିଥିଲେ। ୨୦୧୯ ଡ଼ିସେମ୍ବର ୮ ତାରିଖରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଐତିହାସିକ ବରୁଣେଇ ପାହାଡ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକର ଶିଳାନ୍ୟାସ କରିଛନ୍ତି। ନିକଟରେ ଅକ୍ଟୋବର ୧୩ ତାରିଖରେ "ଡ଼ାକ ଟିକଟ ସଂଗ୍ରହ ଦିବସ" ଅବସରରେ ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ପ୍ରସ୍ତୁତ ସ୍ୱତନ୍ତ୍ର ଡ଼ାକ ଲଫାପାକୁ ଉନ୍ମୋଚନ କରାଯାଇଥିଲା। ଏଥିରେ ପାଇକ ବିଦ୍ରୋହ ସହ ଜଡ଼ିତ ଥିବା ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଥିଲେ। ସେହିପରି ଓଡିଶାର ଏହି ବୀରତ୍ୱପୂର୍ଣ୍ଣ ସତ୍ୟ ଘଟଣାକୁ ସାରା ଦେଶ ଏବଂ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ପାଇଁ 'ଷ୍ଟାର୍ ପ୍ଲସ୍' ଭଳି ଜାତୀୟ ସ୍ତରର ପ୍ରମୁଖ ଇଂଟରଟେନମେଂଟ୍ ଚ୍ୟାନେଲ୍ ଧାରାବାହିକ

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରା ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି।। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।


# ପାଇକ ବିଦ୍ରୋହ ପାଇଁ ବିଜେଡି କୁମ୍ଭୀର କାନ୍ଦଣା କାନ୍ଦୁଛି : ବିଜେପି

ଭୁବନେଶ୍ୱର ,୦୬ ଡିସେମ୍ବର – ପାଇକ ବିଦ୍ରୋହକୁ ସମ୍ମାନ ଦେବା ପାଇଁ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଥିବା ବିଜେଡ଼ି ସରକାର ଏବେ ପାଇକ ବିଦ୍ରୋହ ପାଇଁ ହଠାତ୍ ଚେଇଁ ଉଠିଛନ୍ତି। କୁମ୍ଭୀର କାନ୍ଦଣା କାନ୍ଦି ଓଡିଆଙ୍କୁ ଦିନରେ ଲଣ୍ଠନ ଦେଖାଉଛି ବୋଲି କହିଛନ୍ତି ବକ୍ସି ପରିବାରର ଦାୟାଦ ତଥା ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର। ଶ୍ରୀ ମହାପାତ୍ର କହିଛନ୍ତି ଯେ ଦୀର୍ଘ ୨୨ ବର୍ଷର ବିଜେଡ଼ି ସରକାରରେ ପାଇକ ବିଦ୍ରୋହ କଥା କେବେ ହେଲେ ଉଠିନାହିଁ। ପାଇକ ବିଦ୍ରୋହର ମହାନାୟକ ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁଙ୍କ ପରିବାରର ସଦସ୍ୟ ଭାବରେ ଏହି ବିଷୟକୁ ଆମେ ମର୍ମେ ମର୍ମେ ଅନୁଭବ କରିଛୁ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ପାଇଁ ପାଇକ ବିଦ୍ରୋହକୁ ଜାତୀୟ ସ୍ତରରେ ଯେଉଁଭଳି ଭାବରେ ସମ୍ମାନ ଦିଆଯାଇଛି ସେଥିପାଇଁ ଆମେ ଗର୍ବିତ। ଜାତୀୟ ଇତିହାସର ମୁଖ୍ୟ ଧାରାରେ ବିଭିନ୍ନ କାରଣରୁ ଉପେକ୍ଷିତ ଓ ଅନାଲୋଚିତ ହୋଇ ରହି ଆସିଥିବା ପାଇକ ବିଦ୍ରୋହକୁ ଏକ ସମ୍ମାନର ସ୍ଥାନ ଦେବା ପାଇଁ ପ୍ରଥମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପ୍ରଧାନମନ୍ତ୍ରୀ ମୋଦି ଏବଂ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଓଡ଼ିଶାର ବୁଦ୍ଧିଜୀବୀଙ୍କ ସହ ଆଲୋଚନା କରି ୨୦୧୭ ମସିହା ଜାନୁଆରୀ ୧୮ ତାରିଖରେ ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତି ପାଳନକୁ କେନ୍ଦ୍ର ସରକାରଙ୍କ ମାନ୍ୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏବଂ ତତ୍କାଳୀନ ମନ୍ତ୍ରୀ ସ୍ୱର୍ଗତ ଜେଟଲୀଜୀଙ୍କୁ କହିଥିଲେ। ୨୦୧୭-୧୮ ମସିହାରେ ତତ୍କାଳୀନ ଅର୍ଥମନ୍ତ୍ରୀ ସ୍ୱର୍ଗତ ଅରୁଣ ଜେଟଲୀ କେନ୍ଦ୍ର ବଜେଟରେ ଅର୍ଥ ବରାଦ କରି ବରଂ ଓଡିଆ ଜାତିର ବୀରତ୍ୱକୁ ରାଷ୍ଟ୍ରୀୟ-ଅନ୍ତରାଷ୍ଟ୍ରୀୟ ସ୍ୱୀକୃତି ପ୍ରଦାନ କରିଥିଲେ। ୨୦୧୭ ମସିହାର ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ନୂଆଦିଲ୍ଲୀର ବିଜ୍ଞାନ ଭବନରେ ପାଇକ ବିଦ୍ରୋହର ରାଷ୍ଟ୍ରୀୟ ଉତ୍ସବକୁ ଉଦ୍‌ଘାଟନ କରି ପାଇକ ବିଦ୍ରୋହକୁ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଆଦ୍ୟ ଉଦଘୋଷଣାର ଉଜ୍ଜ୍ୱଳ ଘଟଣା ବୋଲି ଅଭିହିତ କରିଥିଲେ। ୨୦୧୮ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ପାଇକ ବିଦ୍ରୋହର ସଂଗ୍ରାମୀ ପୀଠ ବରୁଣେଇରେ ପାଇକ ବିଦ୍ରୋହର କର୍ଣ୍ଣଧାର ମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପାଇକ ବିଦ୍ରୋହକୁ 'ଏନ୍‌ସିଇଆରଟି'ର ପାଠ୍ୟ ପୁସ୍ତକରେ ସମ୍ମିଳିତ କରାଯିବା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ପ୍ରଧାନମନ୍ତ୍ରୀ ମୋଦିଙ୍କ ଦ୍ୱାରା ପାଇକ ବିଦ୍ରୋହ ସ୍ମାରକ ମୁଦ୍ରା, ସ୍ମାରକ ଡାକ ଟିକେଟ୍ ଉନ୍ମୋଚନ ତଥା ଉତ୍କଳ ବିଶ୍ୱବିଦ୍ୟାଳୟରେ ୫ କୋଟି ଟଙ୍କା ବ୍ୟୟରେ ବକ୍ସି ଜଗବନ୍ଧୁ ଚେୟାରକୁ ଆରମ୍ଭ କରି ପାଇକ ବିଦ୍ରୋହକୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଥିଲେ। ପାଇକ ବିଦ୍ରୋହର ସ୍ମୃତିକୁ ଅମର କରି ରଖିବା ପାଇଁ ଖୋର୍ଦ୍ଧାର ଅନତିଦୂରରେ ଥିବା ବରୁଣେଇ ଠାରେ ଏକ ଭବ୍ୟ ସ୍ମାରକ ନିର୍ମାଣ ପାଇଁ ମୋଦି ସରକାର ୨୦୧୭ ମସିହାରେ ଘୋଷଣା କରିଥିଲେ। ୨୦୧୯ ଡ଼ିସେମ୍ବର ୮ ତାରିଖରେ ମହାମହିମ ରାଷ୍ଟ୍ରପତି ରାମନାଥ କୋବିନ୍ଦ ଐତିହାସିକ ବରୁଣେଇ ପାହାଡ ପାଦଦେଶରେ ପାଇକ ବିଦ୍ରୋହ ସ୍ମାରକର ଶିଳାନ୍ୟାସ କରିଛନ୍ତି। ନିକଟରେ ଅକ୍ଟୋବର ୧୩ ତାରିଖରେ "ଡ଼ାକ ଟିକଟ ସଂଗ୍ରହ ଦିବସ" ଅବସରରେ ଇତିହାସ ପୃଷ୍ଠାରେ ଅନାଲୋଚିତ ଓଡ଼ିଶାର ୬ ଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମରେ ପ୍ରସ୍ତୁତ ସ୍ୱତନ୍ତ୍ର ଡ଼ାକ ଲଫାପାକୁ ଉନ୍ମୋଚନ କରାଯାଇଥିଲା। ଏଥିରେ ପାଇକ ବିଦ୍ରୋହ ସହ ଜଡ଼ିତ ଥିବା ଶହୀଦ ଜୟୀ ରାଜଗୁରୁ, ବକ୍ସି ଜଗବନ୍ଧୁ ଥିଲେ। ସେହିପରି ଓଡିଶାର ଏହି ବୀରତ୍ୱପୂର୍ଣ୍ଣ ସତ୍ୟ ଘଟଣାକୁ ସାରା ଦେଶ ଏବଂ ବିଶ୍ୱ ଦରବାରରେ ଉପସ୍ଥାପନ କରିବା ପାଇଁ 'ଷ୍ଟାର୍ ପ୍ଲସ୍' ଭଳି ଜାତୀୟ ସ୍ତରର ପ୍ରମୁଖ ଇଂଟରଟେନମେଂଟ୍ ଚ୍ୟାନେଲ୍ ଧାରାବାହିକ


# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।


2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK



Bhubaneswar Thursday December 09, 2021 ଭୁବନେଶ୍ୱର ଗୁରୁବାର, ଡିସେମ୍ବର ୦୯,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



# କେନ୍ଦୁଝର ବନଖଣ୍ଡରେ ହାତୀ ଅସୁରକ୍ଷିତ, ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ, ୩ ବର୍ଷରେ ମଲେଣି ୧୭ ହାତୀ



କେନ୍ଦୁଝର,(ପି.ଏନ):କେନ୍ଦୁଝର ସଦର ରେ ନରଣପୁର ସେକ୍ସନ ଅନ୍ତର୍ଗତ ନେଙ୍କଡାଘର ନିକଟ ନରଣପୁର ସଂରକ୍ଷିତ ଜଙ୍ଗଲ ଦେଇ ଯାଇଥିବା ଉଚ୍ଚ ଶକ୍ତି ସମ୍ପନ୍ନ ୩୩ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୋଟିଏ ମାଈ ହାତୀର ମୃତ୍ୟୁ ଘଟିଛି। ଗୁହାଳଚଟୁଆ ପଟୁ ୧୮ଟି ହାତୀ ନରଣପୁର ସଂରକ୍ଷିତ ଜଙ୍ଗଲରେ ଦେଇ ନେଙ୍କଡାଘର ଯିବା ସମୟରେ ଗୋଟିଏ ମାଈ ହାତୀ ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଛି। ମୃତ ହାତୀ ର ବୟସ ୧୫ରୁ ୨୦ ବର୍ଷ ହେବ ବୋଲି ଆକଳନ କରାଯାଉଛି। ମାଈ ହାତୀ ୩୩କେଭି ବିଦ୍ୟୁତ୍ ଖୁଣ୍ଟରେ ଘସି ହେବାରୁ ଇନସୁଲେଟର ରୁ କନଡକ୍ଟର ବାହାରି ଯିବା ଯୋଗୁଁ ୩୩ କେଭି ବିଦ୍ୟୁତ୍ ତାର ବିଦ୍ୟୁତ୍ ଖୁଣ୍ଟରେ ଲାଗି ଯିବାରୁ ଚାର୍ଜ ହୋଇ ବିଦ୍ୟୁତ୍ ଆଘାତରେ ମାଈ ହାତୀର ମୃତ୍ୟୁ ହୋଇଥିଲା। ଗତ କାଲି ସନ୍ଧ୍ୟାରେ କେନ୍ଦୁଝର ସଦର ରେର ନରଣପୁର ସେକ୍ସନ ଗୁହାଳଚଟୁଆ-ଜାମୁନାଳିଆ-ନରଣପୁର ଦେଇ ୧୮ ଟି ହାତୀର ଚଳପ୍ରଚଳ ରହିଛି ବୋଲି ସୂଚନା ଦିଆଯାଇଥିଲା। ଏହି ଦଳରେ ୪ଟି ଦନ୍ତା ହାତୀ, ୧୦ଟି ମାଈ ହାତୀ ଓ ୪ଟି ଛୁଆ ହାତୀ ଥିବା ବିଦ୍ୟୁତ୍ ବିଭାଗ ଏବଂ ଜଙ୍ଗଲ ବିଭାଗ ଗୃପରେ ସୂଚନା ଦିଆଯାଇଥିଲା। ବିଦ୍ୟୁତ୍ ବିଭାଗ ଅବହେଳାରୁ ହାତୀର ମୃତ୍ୟୁ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଜାମୁନାଳିଆ ବନ ସୁରକ୍ଷା ସମିତି ସଭାପତି ବିଶ୍ୱମ୍ଭର ମହାକୁଡ ହାତୀ ମୃତ୍ୟୁ ଖବର ପାଇ ବିଦ୍ୟୁତ୍ ବିଭାଗ ତରବରିଆ ଭାବେ ଛିଣ୍ଡି ଥିବା ବିଦ୍ୟୁତ୍ ତାର ସଜାଡି ଥିବା କହିଛନ୍ତି। ସ୍ଥାନୀୟ ଲୋକଙ୍କୁ ଦେଖି ବିଦ୍ୟୁତ୍ ବିଭାଗ ଘଟଣାସ୍ଥଳରୁ ପଳାଇଥିବା ବହୁ ଲୋକ କହିଛନ୍ତି। ଗ୍ରାମବାସୀଙ୍କ କହିବା ମୁତାବକ ପୂର୍ବରୁ ଇନସୁଲେଟର ଫାଟି ଖୁଣ୍ଟ ସଂସ୍ପର୍ଶରେ ଲାଗିଥିଲା। ହାତୀପଲ ଯିବା ସମୟରେ ଏଭଳି ଅଘଟଣ ଘଟିଥିଲା। ଅନ୍ୟ ପକ୍ଷରେ ତରବରିଆ ଭାବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସଜାଡି ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରିଥିବାରୁ ନାନା ସନ୍ଦେହ ସୃଷ୍ଟି ହୋଇଛି। ଘଟଣା ସ୍ଥଳରେ ଆରସିସିଏଫ୍ ଅରୁଣ କୁମାର ମିଶ୍ର ଏବଂ କେନ୍ଦୁଝର ଡିଏଫ୍ଓ ଧନରାଜ ଏଚ୍.ଡି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଭଳି ଅଘଟଣ ରୋକିବା ପାଇଁ ୩୩ କେଭି ବିଦୁତ୍ ଖୁଣ୍ଟରେ ଲୁହା କଣ୍ଟା (ସ୍ପାଇକ୍ସ) ଲଗାଇବାକୁ ବିଦ୍ୟୁତ୍ ବିଭାଗକୁ କୁହାଯିବ ବୋଲି ଡିଏଫଓ କହିଛନ୍ତି।ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ (ରୋଗ ନିରାକରଣ) ଡାକ୍ତର ଦିଗବଳୟ ମହାନ୍ତି,ପଣ୍ଡାପଡା ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ତ୍ରୀନାଥ ମହାନ୍ତ ଏବଂ ୱାଇଲ୍ଡ ଲାଇଫ୍ ଟ୍ରଷ୍ଟ ଅଫ୍ ଇଣ୍ଡିଆର ପ୍ରାଣୀ ଚିକିତ୍ସକ ଡାକ୍ତର ବନ୍ଦିତା ମିଶ୍ର ବ୍ୟବଚ୍ଛେଦ କରିଥିଲେ। ବିଦ୍ୟୁତ୍ ବିଭାଗର ସୂଚନା ଆଧାରରେ ଇଲେକ୍ଟ୍ରିକାଲ ଇନ୍ସପେକ୍ଟର ଆରକେ ଶତପଥି ନିର୍ଦ୍ଦେଶକ୍ରମେ ଡେପୁଟି ଇଲେକ୍ଟ୍ରିକାଲ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ବନ ବିଭାଗ ଏବଂ ଶକ୍ତି ବିଭାଗକୁ ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡିଛି। କେନ୍ଦୁଝର ବନଖଣ୍ଡରେ ଗତ ୩ ବର୍ଷରେ ୧୭ ଟି ହାତୀ ବିଭିନ୍ନ କାରଣରୁ ମୃତ୍ୟୁବରଣ କରିଥିବାବେଳେ ହାତୀ ଅସୁରକ୍ଷିତ ହୋଇପଡିଛନ୍ତି।

## ଶିବ ମନ୍ଦିର ପ୍ରାଙ୍ଗଣରୁ ପକ୍ଷୀରାଜ ଗରୁଡ ଛୁଆ ଉଦ୍ଧାର

ଝୁମ୍ପୁରା,(ପି.ଏନ): ଝୁମ୍ପୁରା ବ୍ଲକ ଝୁମ୍ପୁରା ପଚାୟତର ବ୍ଲକ ରୋଡରେ ଥିବା ଓଁକାରେଶ୍ୱରାୟଃ ଶିବ ମନ୍ଦିର ପ୍ରାଙ୍ଗଣରୁ ବୁଧବାର ଭୋର ସକାଳୁ ଏକ ଗରୁଡ ପକ୍ଷୀ ଛୁଆ ଉଦ୍ଧାର କରାଯାଇଛି। ସୂଚନା ମୁତାବକ ମନ୍ଦିରର ପୂଜକ ଅଜୟ କୁମାର ପଣ୍ଡା ଭୋର ସକାଳୁ ମନ୍ଦିରର ନିତୀକାନ୍ତି କରିବା ନିମନ୍ତେ ଆସିବା ସମୟରେ ମନ୍ଦିର ମୁଖଶାଳାରେ ଏକ ପକ୍ଷୀ ଛୁଆ ଦେଖିବାକୁ ପାଇଥିଲେ । ପାଖକୁ ଯାଇ ଦେଖିବା ବେଳକୁ ଗରୁଡ ପକ୍ଷୀ ଛୁଆଟି ଚିଁ ଚିଁ ଶବ୍ଦ କରି ପୂଜକକୁ ଚାହିଁ ରହିଥିଲା। ପୂଜକ ଠାକୁରଙ୍କୁ ସ୍ମରଣ କରିବା ସହିତ ପକ୍ଷୀଛୁଆକୁ ଉଦ୍ଧାର କରିଥିଲେ। ଗରୁଡ ପକ୍ଷୀ ଛୁଆକୁ ଦର୍ଶନ କରିବା ପାଇଁ ସ୍ଥାନୀୟ ଲୋକଙ୍କ ପ୍ରବଳ ଭିଡ ଜମିଥିଲା। ପ୍ରକାଶ ଥାଉ କି ପୂର୍ବ ବର୍ଷ ମଧ୍ୟ ଉକ୍ତ ଶିବ ମନ୍ଦିର ପ୍ରାଙ୍ଗଣରୁ ଏକ ଗରୁଡ ପକ୍ଷୀ ଛୁଆ ଉଦ୍ଧାର କରି ବନ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ଏସବୁ ଠାକୁରଙ୍କ ଲୀଳା ବୋଲି ଜନସାଧାରଣଙ୍କ ମଧ୍ୟରେ ଚର୍ଚ୍ଚା ହେଉଅଛି ।

## ଗ୍ରାମାଞ୍ଚଳ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ: ଆନନ୍ଦପୁର ମା'ତାରିଣୀ କ୍ଲବ୍ ଚମ୍ପିୟାନ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର କ୍ରୀଡା ସଂସଦ ଆନୁକୂଲ୍ୟରେ ଷ୍ଟାଡିୟମ୍ ପଡିଆ ଠାରେ ଅନୁଷ୍ଠିତ ଦ୍ୱିତୀୟ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ଆଜି ଆନନ୍ଦପୁର ମା'ତାରିଣୀ କ୍ଲବ ଓ ମାର୍ଶାପାଳ କ୍ଲବ ମଧରେ ଅନୁଷ୍ଠିତ ହୋଇଥିଲା । ଏହି ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ୍ କରିନଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆନନ୍ଦପୁର ମା'ତାରିଣୀ କ୍ଲବ ମାର୍ଶାପାଳକୁ ଗୋଟିଏ ଗୋଲ ଦେଇ ଚମ୍ପିୟାନ୍ ହୋଇଥିଲା। ଏହି ଉଦ୍‌ଯାପନୀ ଫାଇନାଲ ମ୍ୟାଚ୍‌ରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ମୁଖ୍ୟ ଅଧିକାରୀ ଧନେଶ୍ୱର ସେଠୀ, କ୍ରୀଡା ସଂସଦର ସମ୍ପାଦକ ନବ ରନ ପଟ୍ଟନାୟକ, କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠୀ, କ୍ରୀଡାବିତ୍ ନରେନ୍ଦ୍ର କୁମାର ସାହୁ ପ୍ରମୁଖ ଯୋଗ ଦେଇ ଚମ୍ପିୟାନ୍ ଦଳକୁ ୧୦ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସଅପ୍ ଦଳକୁ ୫ହଜାର ଟଙ୍କା ସହିତ ଟ୍ରଫି ପୁରସ୍କାର ପ୍ରଦାନ କରିଥିଲେ । ଆଜିର ଏହି ଖେଳକୁ ରେଫରୀ ଭାବେ ସୁଶାନ୍ତ ସାମଲ ପରିଚାଳନା କରିଥିବା ବେଳେ ଲାଇନ୍ସମ୍ୟାନ୍ ଭାବେ ତପନ ଦାଶ ଓ ବିଚିତ୍ର ଦାଶ ପ୍ରମୁଖ ସହଯୋଗ କରିଥିଲେ ଏବଂ ଚତୁର୍ଥ ରେଫରୀ ଭାବେ ଆଦିକାନ୍ତ ମହାକୁଡ, ପ୍ରଶାନ୍ତ ଜେନା ସହଯୋଗ କରିଥିଲେ । ଏହି ଫାଇନାଲ ମ୍ୟାଚ୍‌ରେ କ୍ରୀଡା ସଂସଦର ଉପସଭାପତି ମନୋରନ ପଟ୍ଟନାୟକ, ନିରାକାର ଦଳେଇ, ସହସମ୍ପାଦକ ରମେଶ ସିଂ, ଅକ୍ଷୟ କୁମାର ମହାନ୍ତି, ସଦସ୍ୟ ନିକୁ ବିହାରୀ ମିଶ୍ର, ପ୍ରଶନ୍ନ ମିଶ୍ର, ଅଶୋକ ରାଉଳ, ମୁରଲିଧର ମିଶ୍ର, ବାଇଧର ସେଠୀ ପ୍ରମୁଖ ସହଯୋଗ କରିଥିବା ବେଳେ ସୁରେଶ ଜେନା, ପ୍ରଦୀପ ହଜାରୀ ପ୍ରମୁଖ ଧାରାବିବରଣୀ ପ୍ରଦାନ କରିଥିଲେ। ଏହି ଖେଳକୁ ବହୁ ସଂଖ୍ୟାରେ ଖେଳ ପ୍ରେମୀ ଉପଭୋଗ କରିଥିଲେ।

## ସାମାନ୍ୟ ବର୍ଷାରେ ନବନିର୍ମିତ ସିନ୍ଥେଟିକ ହ୍ୟାଣ୍ଡବଲ ପଡିଆରେ ପାଣି ଜମୁଛି

କେନ୍ଦୁଝର,(ପି.ଏନ): କେନ୍ଦୁଝର ଜିଲ୍ଲାରେ ହ୍ୟାଣ୍ଡବଲ ଖେଳର ପ୍ରସାର ଓ ଖେଳାଳୀଙ୍କ ଆଗ୍ରହକୁ ଲକ୍ଷ୍ୟ କରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ବା ଡିଏମଏଫ ତରଫରୁ ୩କୋଟି ୨୪ଲକ୍ଷ ଟଙ୍କା ବ୍ୟୟରେ ଏହି ଅତ୍ୟାଧୁନିକ ଷ୍ଟାଡିୟମ ନିର୍ମିତ କରାଯାଇଛି। ରାଜ୍ୟର ପ୍ରଥମ ସିନ୍ଥେଟିକ ହ୍ୟାଣ୍ଡବଲ ପଡିଆରେ ଖେଳାଳୀ ଉନ୍ନତମାନର ଖେଳ ପ୍ରଦର୍ଶନ କରିପାରିବା ସହିତ ରାତିରେ ବି ଏଠାରେ ପ୍ରଶିକ୍ଷଣ ସାଙ୍ଗକୁ ମ୍ୟାଚ ଖେଳାଯାଇପାରିବାର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। ହ୍ୟାଣ୍ଡବଲ ଗ୍ରାଉଣ୍ଡ ଭାବରେ ରାଜ୍ୟର ଏହା ପ୍ରଥମ ସିନ୍ଥେଟିକ ପଡିଆ ହୋଇଥିବା ସହ ୧.୬ ଏକର ପରିମିତ ଅଂଚଳରେ ଏହି ପଡିଆର ବିଶେଷ ଉନ୍ନତି କରାଯାଇଛି । ଆର୍ନ୍ତଜାତୀୟ ହକି ଫେଡେରେସନ ବା ଆଇଏଚଏଫର ମାନଦଣ୍ଡରେ ଏହାକୁ ନିର୍ମାଣ କରାଯାଇଥିବାବେଳେ ସିନ୍ଥେଟିକ ପ୍ରୋ-କୁସନ-ସରଫେସ ଭାବେ ଏହାକୁ ନିର୍ମାଣ କରାଯାଇଛି । ତେବେ ଖେଳ ପଡିଆ ଠିକ ଭାବରେ ସମତଳ ହୋଇନଥିବାରୁ ସାମାନ୍ୟ ବର୍ଷାରେ ପଡିଆର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଛି। ଏହି ପଡିଆରେ ଦୁଇଗୋଟି ହ୍ୟାଣ୍ଡବଲ କୋର୍ଟ ରହିଥିବାବେଳେ ପ୍ରତ୍ୟେକ କୋର୍ଟ ୫୦ଡିସିମିଲ ପରିମିତ ସ୍ଥାନରେ ରହିଛି । ତେବେ ଦୁଇଟି ପଡିଆର ବିଭିନ୍ନ ସ୍ଥାନରେ ପାଣି ଜମି ରହୁଥିବାରୁ ବର୍ଷା ସମୟରେ ଖେଳ ବାଧାପ୍ରାପ୍ତ ଆଶଙ୍କା ରହିଛି।

## ବୋଦାପଳସା ରାସ୍ତାର ଅରଡେଇ ପୋଲ ସଂଯୋଗୀକରଣ ରାସ୍ତା କାମ ସଂପୂର୍ଣ୍ଣ ହେବାରେ ବିଳମ୍ବ

କେନ୍ଦୁଝର,(ପି.ଏନ): କେନ୍ଦୁଝର ସଦର ବ୍ଲକ ବୋଦାପଳସା ରାସ୍ତାର ଅରଡେଇ ପୋଲ କାମ ଅଧାପନ୍ତରିଆ ହୋଇ ପଡି ରହିବା କାରଣରୁ ସାଧାରଣରେ ଅସନ୍ତୋଷ ବ୍ୟକ୍ତ କରାଯାଉଛି। ଆଉ କେତେ ଦିନ ଗଲେ ଏହି ପୋଲ କାମ ସରିବ ବୋଲି ଲୋକେ ପ୍ରଶ୍ନ କରୁଥିବାବେଳେ ପୂର୍ତ୍ତ ବିଭାଗର ଖାମଖିଆଲି ନୀତି ଯୋଗୁଁ କାର୍ଯ୍ୟ ସଂପୂର୍ଣ୍ଣ ହେବାରେ ବିଳମ୍ବ ହେଉଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରୁଛନ୍ତି। କେନ୍ଦୁଝର ସଦର ମହକୁମାର କଚେରୀ ଛକଠାରୁ ବୋଦାପଳସା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାର ଅରଡେଇ ନଦୀ ଉପରେ ନିର୍ମାଣାଧିନ ପୋଲ କାର୍ଯ୍ୟ ଅହେତୁକ ବିଳମ୍ବ ଯୋଗୁଁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପୋଲ କାର୍ଯ୍ୟ ଆରମ୍ଭ ହେବାର ୪ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏବେ ପର୍ଯ୍ୟନ୍ତ ପୋଲ କାମ ସରିଥିଲେ ମଧ୍ୟ ସଂଯୋଗୀକରଣ ରାସ୍ତା କାମ ନସରିବା ପୂର୍ତ୍ତ ବିଭାଗର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ସୃଷ୍ଟି କରିଛି। ସୂଚନାଯୋଗ୍ୟ ଯେ, କେନ୍ଦୁଝର-ବୋଦାପଳସା ରାସ୍ତାର ଅରଡେଇ ନଦୀ ଉପରେ ପୋଲ ନିର୍ମାଣ ପାଇଁ ୬ କୋଟି ୫୮ଲକ୍ଷ ୭୦ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏହି ପୋଲ କାମ ୨୦୧୬ ମସିହା ଅକ୍ଟୋବର ୭ରେ ଆରମ୍ଭ ହୋଇ ୨୦୧୮ ମସିହା ଜାନୁୟାରୀ ୬ ରେ ସରିବାର ଚୁକ୍ତି ହୋଇଥିଲେ ମଧ୍ୟ ଧାର୍ଯ୍ୟ ସମୟଠାରୁ ୨ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ହେଁ ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡିଛି। ଉକ୍ତ ରାସ୍ତା ଉପରେ ବୋଦାପଳସା, ବାଉରୀପଦା, ଶଙ୍କିରି, ଗୋବର୍ଦ୍ଧନ, ହାଣ୍ଡିଭଙ୍ଗା ପଞ୍ଚାୟତର ୫୦ରୁ ଅଧିକ ଗାଁର ଲୋକେ ଯାତାୟତ କରିଥାନ୍ତି। ବର୍ଷାଦିନେ ଏଠାରେ ନିଚା ପୋଲ ଥିବା କାରଣରୁ ଯାତାୟତରେ ବାଧକ ସୃଷ୍ଟି ହୋଇଥାଏ। ଏହି ସମସ୍ୟାକୁ ଆଖି ଆଗରେ ରଖି ସରକାରଙ୍କ ତରଫରୁ ଏଠାରେ ଉଚ୍ଚତଳ ବିଶିଷ୍ଟ ପୋଲ ନିର୍ମାଣ ନିମନ୍ତେ ପଦେକ୍ଷପ ନିଆଯାଇଥିଲା। ପୋଲ କାମ ସରୁନଥିବା ଯୋଗୁଁ ଉପରୋକ୍ତ ଅଞ୍ଚଳରେ ବସବାସ କରୁଥିବା ଜନସାଧାରଣ ଯାତାୟତରେ ହଇରାଣ ହେଉଛନ୍ତି। ପୋଲର ବାରମ୍ବାର ଡିଜାଇନ ପରିବର୍ତ୍ତନ କାରଣରୁ ନିର୍ମାଣରେ ବିଳମ୍ବ ହୋଇଥିବା ବିଭାଗ ତରଫରୁ କୁହାଯାଉଥିଲା। ଇତିମଧ୍ୟରେ ପୋଲ କାମ ପ୍ରାୟ ସରିଥିଲେ ମଧ୍ୟ ସଂଯୋଗୀକରଣ କାମର କାହିଁକି ଅଗ୍ରଗତି ହୋଇପାରୁନାହିଁ । ସଂଯୋଗୀକରଣ ରାସ୍ତାର ଉଭୟ ପାର୍ଶ୍ୱରେ ୨ଜଣ ଲୋକଙ୍କ ଜମି ରହିଥିବାରୁ ତାଙ୍କୁ କ୍ଷତିପୂରଣ ଦେବାକୁ ୦୮.୧୦.୨୦୨୧ରେ ଏକ ଜନଶୁଣାଣୀ କରାଯାଇ ନିଷ୍ପତ୍ତି ନିଆଯାଇଛି। ଏହି ଜନଶୁଣାଣୀରେ ତୁରନ୍ତ ପୋଲ କାମ ଶେଷ କରିବାକୁ ସ୍ଥାନୀୟ ଲୋକ ମତ ରଖିଥିଲେ। ଜନଶୁଣାଣୀ ପରେ ପୋଲ ସଂଯୋଗୀକରଣ କାମ ସାରିବାକୁ କାହିଁକି ଏତେ ବିଳମ୍ବ ହେଉଛି ତାହା ମଧ୍ୟ ଜଣାନାହିଁ। ଜିଲ୍ଲା ପ୍ରଶାସନ ଏଥି ପ୍ରତି ଧ୍ୟାନ ନଦେଲେ ଅଞ୍ଚଳବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସି.ପି.ଆଇ(ଏମ୍)ର ୨୨ତମ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ : ମୌଳିକ ସମସ୍ୟା ସମାଧାନ ପାଇଁ ଆନ୍ଦୋଳନ ନିଷ୍ପତି




ଭୁବନେଶ୍ୱର,(ପି.ଏନ): ଆଜି ସି.ପି.ଆଇ(ଏମ୍)ର ୨୨ତମ ଓଡିଶା ରାଜ୍ୟ ସମ୍ମିଳନୀ ରାଉରକେଲାଠାରେ ଇତି ମଧରେ ଉତ୍ସାହ, ଉଦ୍ଦୀପନା ଓ ପ୍ରେରଣା ସହିତ ଗଂଜାମ ଜିଲ୍ଲାର ପ୍ରତିନିଧି ସାଥି ବସନ୍ତ ନନ୍ଦଙ୍କ ଆକସ୍ମିକ ହୃଦଘାତ ଜନିତ ମୃତ୍ୟୁରେ ଅତ୍ୟନ୍ତ ଶୋକାକୁଳ ପରିବେଶ ମଧରେ ଉଦ୍‌ଯାପିତ ହୋଇଯାଇଛି। ନଭେମ୍ବର ୩୦ରୁ ଡିସେମ୍ବର୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ୩ଦିନିଆ ସମ୍ମିଳନୀର ପ୍ରଥମ ଦିବସରେ ଅନୁଷ୍ଠିତ ଖୋଲା ଅଧିବେଶନ ବଣେଇଠାରେ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସି.ପି.ଆଇ(ଏମ୍)ର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ମୁଖ୍ୟ ବକ୍ତା ରୂପେ ଯୋଗ ଦେଇଥିଲେ। ହଜାର ହଜାର ଶ୍ରମିକ, ଆଦିବାସୀ, ମହିଳା, ପୁରୁଷଙ୍କ ବର୍ଣ୍ଣାଢ୍ୟ ପଟୁଆର ସହ ପୁଟବଲ୍ ପଡିଆରେ ଅନୁଷ୍ଠିତ ସାଧାରଣ ସଭାରେ ମୋଦୀ ସରକାରର ସକଳ ଜନବିରୋଧୀ ଓ ଏକଛତ୍ରବାଦୀ କାର୍ଯ୍ୟକ୍ରମ ଓ ସାମ୍ପ୍ରଦାୟିକ ରାଜନୀତି ବିରୋଧରେ ସଂଘର୍ଷକୁ ତୀବ୍ରତର କରିବାକୁ ଆହ୍ୱାନ ଜଣାଇଥିଲେ। ଏହି ସଭାରେ ପାର୍ଟିର ପଲିଟ୍‌ବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ବରିଷ୍ଠ ନେତା ଜନାର୍ଦ୍ଦନ ପତି, ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଏବଂ ସୁନ୍ଦରଗଡ ଜିଲ୍ଲା ସମ୍ପାଦକ ପ୍ରମୋଦ ସାମଲ ପ୍ରମୁଖ ଓଜସ୍ୱିନୀ ଭାଷଣ ଦେଇଥିଲେ। ସଭା ପୂର୍ବରୁ ପାର୍ଟିର ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ ପଡିଆରେ ଲାଲ୍ ପତାକା ଉତୋଳନ କରିବା ପରେ ଅପରାହ୍ଣରେ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶ୍ରୀ ୟେଚୁରୀ ସାମ୍ପ୍ରଦାୟିକ ଫାଶୀବାଦୀ ଆର.ଏସ୍.ଏସ୍ ଦ୍ୱାରା ପରିଚାଳିତ ବିଜେପିର ହିନ୍ଦୁତ୍ୱବାଦୀ କାର୍ଯ୍ୟକ୍ରମ ଏବଂ କର୍ପୋରେଟ୍ ସପକ୍ଷବାଦୀ ଆର୍ଥିକ ନୀତି ଦରଦାମ ବୃଦ୍ଧି ଇତ୍ୟାଦିକୁ ଐକ୍ୟବଦ୍ଧ ଭାବେ ମୁକାବିଲା କରିବା ବାମ ଓ ଗଣତାନ୍ତ୍ରିକ ଏକତାକୁ ଦୃଢୀଭୂତ କରିବା ଦରକାର ବୋଲି ଦୃଢ ଭାବେ କହିଥିଲେ। ସି.ପି.ଆଇ.ଏମ୍ ଓଡିଶା ରାଜ୍ୟ ପରିଷଦ ପକ୍ଷରୁ ବରିଷ୍ଠ ସି.ପି.ଆଇ ନେତା ଏଶୋକ ଦାସ ଦଳ ପକ୍ଷରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇବା ସହ ବାମ ଓ ଗଣତାନ୍ତ୍ରିକ ଐକ୍ୟ ସୁଦୃଢ କରିବାକୁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀକୁ ପରିଚାଳନା କରିବା ପାଇଁ ବରିଷ୍ଠ ନେତା ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଜଗନ୍ନାଥ ମିଶ୍ର, ଲକ୍ଷ୍ମଣ ମୁଣ୍ଡା, ରାମଚନ୍ଦ୍ର ନାୟକ, ସୁଶିଳା ମୁଣ୍ଡାଙ୍କୁ ନେଇ ଗଠିତ ୫ଜଣିଆ ସଭାପତିମଣ୍ଡଳୀ ଉକ୍ତ ୩ଦିନିଆ ରାଜ୍ୟ ସମ୍ମିଳନୀକୁ ସୁଚାରୁରୂପେ ପରିଚାଳନା କରିଥିଲେ। ଉକ୍ତ ସମ୍ମିଳନୀରେ ସମଗ୍ର ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୫୮ଜଣ ପ୍ରତିନିଧି ଓ ୪୬ଜଣ ଦର୍ଶକ ଯୋଗ ଦେଇଥିଲେ । ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ ରାଜ୍ୟ କମିଟି ପକ୍ଷରୁ ରିପୋର୍ଟ ଉପସ୍ଥାପନ କରିଥିଲେ । ମୋଟ୍ ୫୯ଜଣ ପ୍ରତିନିଧି ଦୀର୍ଘ ୭ଘଂଟା ବ୍ୟାପିଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ମୋଟ୍ ୧୫ଟି ପ୍ରସ୍ତାବ ଗୃହିତ ହୋଇଥିଲା। ରାଜ୍ୟର ବିକାଶ ନମନ୍ତେ ଏଭଳି ମୌଳିକ ସମସ୍ୟା ଦୂରୀକରଣ ଦ୍ୱାରା ଜନସାଧାରଣଙ୍କ ଆର୍ଥିକ ବିକାଶ ନ କରି ପ୍ରଚ୍ଚର ସର୍ବସ୍ୱ କାର୍ଯ୍ୟକ୍ରମ ଦ୍ୱାରା ବିକାଶ ସମ୍ଭବ ନୁହେଁ । ଏଥିପାଇଁ ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ ପାଇଁ ଆହ୍ୱାନ କରାଯାଇଛି । ସମ୍ମିଳନୀର ଶେଷଦିନରେ ଜନାର୍ଦ୍ଦନ ପତି, ଜଗନ୍ନାଥ ମିଶ୍ର, ବିଷ୍ଣୁ ମହାନ୍ତି, ସୁରେଶ ପାଣିଗ୍ରାହୀ, ସନ୍ତୋଷ ଦାସ, ପୁଷ୍ପା ଦାଶ, ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖଙ୍କୁ ନେଇ ଏକ ୩୦ଜଣିଆ ରାଜ୍ୟ କମିଟି ନିର୍ବାଚନ ଜରିଆରେ ଗଠିତ ହୋଇଛି। ନୂତନ ରାଜ୍ୟ କମିଟିର ସମ୍ପାଦକ ଭାବେ ଅଲି କିଶୋର ପଟ୍ଟନାୟକ ପୁନଃ ନିର୍ବାଚିତ ହୋଇଛନ୍ତି । ସମ୍ମିଳନୀର ଉଦ୍‌ଯାପନୀ ଭାଷଣରେ ପଲିଟ୍‌ବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର ଏକ ଶକ୍ତିଶାଳୀ ପାର୍ଟି ଗଠନ ନିମନ୍ତେଜନଗଣ ସହ ନିବିଡ ସମ୍ପର୍କ ଏବଂ ମୌଳିକ ପ୍ରସଙ୍ଗକୁ ଭିତିକରି ସଂଗ୍ରାମ ଯୋରଦାର୍ କରିବାକୁ ଆହ୍ୱାନ ଜଣାଇଥିଲେ ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray